**'ଆଣ୍ଟି ଫ୍ରଡ୍ ସେଲ୍' ଦ୍ୱାରା ନଭେମ୍ବରରେ ୩ ଠକ ଗିରଫ**

ଭୁବନେଶ୍ୱର(ବ୍ୟୁରୋ): କମିଶନରେଟ ପୋଲିସର 'ଆଣ୍ଟି ଫ୍ରଡ୍ ସେଲ' ନଭେମ୍ବର ମାସରେ ୩ଜଣ ଠକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନାଗେଶ୍ୱରଟାଙ୍ଗୀର ଆପୋଲୋ ଇନ୍‌ଫ୍ରା ପ୍ରୋଜେକ୍ଟ ଲିମିଟେଡ୍‌ର ଏମ୍‌ଡ଼ି ଦୀପକ ମହାନ୍ତି, ଶାରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଗୟାଧର ଜେନା ଏବଂ ଶୁଭମ୍ ପ୍ଲେସମେଣ୍ଟ ଆଣ୍ଡ ସର୍ଭିସେସ୍‌ର ନିର୍ଦ୍ଦେଶକ ବିଶ୍ୱରଞ୍ଜନ ତ୍ରିପାଠୀ। ନଭେମ୍ବରରେ ଏହି ସେଲ୍ ୨୨ଟି ଅଭିଯୋଗ ଗ୍ରହଣ କରି ୮ ଅଭିଯୋଗକାରୀଙ୍କ ଟଙ୍କା ଫେରାଇଛି। ଏକ ମାମଲାରେ ଜଣେ ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ୯ଲକ୍ଷ ଟଙ୍କାକୁ ଫେରାଇ ଦିଆଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ ପକ୍ଷରୁ ଧାରଣା, ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା, ୟୁନିଟ୍-୧, ସକାଳ ୯ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଧାରଣା, ବିଏସ୍‌ଇ ଜୋନାଲ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ପ୍ରତିବାଦ ସଭା ଓ ଶୋଭାଯାତ୍ରା, ରାଜମହଲ ଛକ, ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଚୁକ୍ତି ସ୍ୱାକ୍ଷରିତ କାର୍ଯ୍ୟକ୍ରମ, ଇଡ୍‌କୋ କନ୍‌ଫରେନ୍ସ ହଲ୍, ଅପରାହ୍ନ ୪ଟା ୩୦।
- ଦେବଦାସୀ ସଙ୍ଗଠନର ୧୬ତମ ବାର୍ଷିକ ନୃତ୍ୟ ଉତ୍ସବରେ ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ପ୍ରେକ୍ଷାଳୟରୁ ମୁହଁ ଫେରାଉଛନ୍ତି ଦର୍ଶକ

ଭୁବନେଶ୍ୱର, ୭।୧୨ (ବ୍ୟୁରୋ)




■କରୋନା ପରେ ବିଗୁଡ଼ୁଛି ସ୍ଥିତି
■ଚିନ୍ତାରେ ହଲ୍ ମାଲିକ

ମନୋରଞ୍ଜନର ଅନ୍ୟତମ ମାଧ୍ୟମ ହେଉଛି ସିନେମା। ଟେଲିଭିଜନ ମାଧ୍ୟମରେ ଯେତେ ଚଳଚ୍ଚିତ୍ର ଦେଖିଲେ ବି ହଲ୍‌ରେ ବସି ଦେଖିବାର ମଜା ନିଆରା। ତେବେ କରୋନା ମହାମାରୀ ଯୋଗୁ ସିନେମା ଶିଳ୍ପ ପ୍ରଭାବିତ ହୋଇଛି। ଅର୍ଥାଭାବ ଯୋଗୁ ଅନେକ ସିନେମା ହଲ୍ ବନ୍ଦ ହୋଇଗଲାଣି। ତେଣୁ ବଡ଼ପରଦାରେ ସିନେମା ଦେଖିବା ଏବେ ଏକପ୍ରକାର ସ୍ୱପ୍ନ ପାଲଟିଲାଣି। ଆଗଭଳି ଆଉ ଦର୍ଶକ ଆସୁ ନ ଥିବାରୁ ହଲ୍‌ଗୁଡିକ କ୍ଷତିରେ ଚାଲିଛି। କୋଭିଡ୍ ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ରାଜ୍ୟ ସରକାର ପ୍ରଥମେ ୫୦ପ୍ରତିଶତ ଦର୍ଶକଙ୍କୁ ନେଇ ହଲ୍ ଖୋଲିବାକୁ ଅନୁମତି ଦେଇଥିଲେ। ଏହାର କିଛିଦିନ ପରେ ପୂର୍ଣ୍ଣ ମାତ୍ରାରେ ଦର୍ଶକ ହଲ୍‌କୁ ଯାଇ ପାରିବେ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ହଲ୍ ମାଲିକଙ୍କଠାରୁ ଆରମ୍ଭ କରି ଏଥି ସହିତ ଜଡିତ ଥିବା କର୍ମଚାରୀ ଏବଂ ଦର୍ଶକ ସମସ୍ତେ ଖୁସି ହୋଇଥିଲେ। ଧିରେ ଧିରେ ପୂର୍ବ ସ୍ଥିତି ଫେରି ଆସିବ ବୋଲି ମାଲିକମାନେ ଆଶା ବାନ୍ଧିଥିଲେ। ମାତ୍ର ପୁଣି କରୋନା ସେମାନଙ୍କ ଖୁସିରେ ଗ୍ରହଣ ସାଜିଲା। ସଂକ୍ରମଣ ଆଶଙ୍କାରେ ରାଜ୍ୟ ସରକାର ପୁନର୍ବାର ୫୦ ପ୍ରତିଶତ ଦର୍ଶକରେ ହଲ୍ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ କରୋନା ପରେ ଦର୍ଶକଙ୍କ ସଂଖ୍ୟାରେ ଦ୍ରୁତ ହ୍ରାସ ପାଇଛି। ମହାମାରୀ ସମୟରେ ଅଧିକାଂଶ ପ୍ରଯୋଜକ ଓଟିଟି ପ୍ଲାଟଫର୍ମରେ ଫିଲ୍ମ ରିଲିଜ୍ କଲେ। ଯାହାକି ଦର୍ଶକ ବିଶେଷକରି ଯୁବପିଢ଼ିଙ୍କ ଦ୍ୱାରା ଆଦୃତ ହେଲା। ସେହିପରି ଅନେକ ଓଡ଼ିଆ ଫିଲ୍ମ ମଧ୍ୟ ଟେଲିଭିଜନ୍ ଜରିଆରେ ରିଲିଜ୍ କରାଗଲା। ଘରେ ବସି ମାଗଣାରେ ନୂଆ ଫିଲ୍ମର ମଜା ନେବା ପରେ ଲୋକେ ହଲ୍‌ଠାରୁ ମୁହଁ ଫେରାଇବାରେ ଲାଗିଛନ୍ତି। ଫଳରେ ହଲ୍ ଚଳାଇବା ପାଇଁ ଆବଶ୍ୟକୀୟ ଅର୍ଥ ମିଳିବା କଷ୍ଟସାଧ ହୋଇପଡ଼ୁଛି। ଏପରି ଚାଲିଲେ ଆଉ କିଛିଦିନ ମଧ୍ୟରେ ହଲ୍ ଶିଳ୍ପ ବୁଡ଼ିଯିବା ଆଶଙ୍କା କରାଯାଉଛି।

### ଏମାନେ କୁହନ୍ତି...



➡ହଲ୍ ଖୋଲିବା ପରେ ଭଲ ରେସ୍‌ପନ୍ସ ମିଳିଥିଲା। ମାତ୍ର ପୁଣି ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ଖୋଲାଯିବାକୁ ନିର୍ଦ୍ଦେଶ ମିଳିଥିବାରୁ ଚିନ୍ତା ବଢ଼ିଛି। ହିନ୍ଦୀ ଫିଲ୍ମ ପଡ଼ିଲେ କିଛି କିଛି ଦର୍ଶକ ଆସୁଛନ୍ତି। ମାତ୍ର ପୂର୍ବଭଳି ବେପାର ହେଉନାହିଁ।
**-ରବୀନ୍ଦ୍ର କୁମାର ସାହୁ, ଶ୍ରୀୟା ସ୍ୱାତୀ ସିନେ କମ୍ପ୍ଲେକ୍ସ ମ୍ୟାନେଜର।**



➡ଶତପ୍ରତିଶତ ଦର୍ଶକଙ୍କୁ ନେଇ ହଲ୍ ଚାଲିବାକୁ ଅନୁମତି ମିଳିବା ପରେ ପିକ୍‌ଅପ୍ ଆସିଥିଲା। ଭାବିଥିଲୁ ସ୍ଥିତି ସୁଧୁରିବ ଓ ହଲ୍ ତା'ର ପୂର୍ବସ୍ଥିତିକୁ ଫେରି ଆସିବ। କିନ୍ତୁ ସରକାର ପୁଣି କଟକଣା ଲଗାଇଦେଲେ। ହଲ୍‌ରେ ଗୋଟେ ଛାଡ଼ି ଗୋଟେ ସିଟ୍‌ରେ ବସୁଥିବାରୁ ଦର୍ଶକ ଟିକେ ଅସନ୍ତୁଷ୍ଟ ହେଉଛନ୍ତି। ବିଶେଷକରି ପରିବାର ସହିତ ଆସିଥିବା ଦର୍ଶକମାନେ ଏହାକୁ ପସନ୍ଦ କରୁନାହାନ୍ତି। ସରକାର ୫୦ ପ୍ରତିଶତ ଦର୍ଶକ ପାଇଁ ଅନୁମତି ଦେଇଥିଲେ ବି ୨୫ ପ୍ରତିଶତ ଦର୍ଶକ ହଲ୍‌କୁ ଆସୁନାହାନ୍ତି। ଆଗରୁ ଦିନକୁ ୬ଟି ଶୋ' ହେଉଥିଲା। ଏବେ ୫ଟି ଶୋ' କରାଯାଉଛି। ସେଥିରେ ବି ଦର୍ଶକ ଆସୁନାହାନ୍ତି। ବହୁତ କ୍ଷତି ହେଉଛି।
**-ବିନୋଦ କୁମାର ସାମଲ, କେଶରୀ ହଲ୍ କର୍ମଚାରୀ।**



➡ହଲ୍‌ରେ ଫିଲ୍ମ ଦେଖିବାକୁ ଭଲ ଲାଗେ। ଆଗରୁ ସାଙ୍ଗ ଓ ପରିବାର ସହିତ ଫିଲ୍ମ ଦେଖିବାକୁ ଯାଉଥିଲି। ହେଲେ କଟକଣା ଭିତରେ ଛାଡ଼ି ଛାଡି କରି ବସି ହଲ୍‌ରେ ଫିଲ୍ମ ଦେଖିବାକୁ ଇଚ୍ଛା ହେଉନି। ତା'ଛଡା ଆଜିକାଲି ମୋବାଇଲ୍‌ର ଗୋଟେ କ୍ଲିକ୍‌ରେ ଘରେ ବସି ଫିଲ୍ମ ଦେଖିହେଉଛି। ତେବେ ଅଯଥାରେ ହଲ୍ କାହିଁକି ଯିବୁ ।
**-ରାଜେନ୍ଦ୍ର ସାହୁ, ରାଜଧାନୀ ବାସିନ୍ଦା**

## ଶିଶୁପାଳଗଡ଼ର ଅବକ୍ଷୟ ରୋକିବା ନେଇ ଦାବିପତ୍ର

ପୁରୁଣା ଭୁବନେଶ୍ୱର,୭।୧୨(ଡି.ଏନ୍.ଏ.)

ଶିଶୁପାଳଗଡ଼ ଅଞ୍ଚଳର ଅନେକ ଜମି ଏବେ ମାଫିଆଙ୍କ କବ୍‌ଜାରେ ରହିଛି। କୌଣସି ଆଇନ କିମ୍ବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ)ର କଟକଣାକୁ ଭ୍ରୂକ୍ଷେପ ନ କରି ଐତିହ୍ୟସ୍ଥଳୀଗୁଡ଼ିକର ଜମିଗୁଡ଼ିକୁ ଚଞ୍ଚକତା ପୂର୍ବକ ରେକର୍ଡ ପରିବର୍ତ୍ତନ କରାଇ କିଣାବିକା କରୁଛନ୍ତି। ସେଠାରେ ଗୃହ ନିର୍ମାଣ କରି ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଏହି ଐତିହ୍ୟସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟସ୍ଥଳୀର କ୍ଷତି ଘଟାଉଥିବା ଜମି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ମଙ୍ଗଳବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏଏସ୍‌ଆଇ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ, ସଦସ୍ୟ ସରୋଜ ମିଶ୍ର, ଗୋପୀନାଥ ପ୍ରଧାନ, ମାନସ ରଞ୍ଜନ ପତି, ସୌମ୍ୟରଞ୍ଜନ ପଣ୍ଡା, ବିଜୟ ଭଟ୍ଟାଚାର୍ଯ୍ୟ, ରାଜେଶ ମିଶ୍ର, ଦିଲୀପ ସୁବୁଦ୍ଧି, ସଞ୍ଜୁଲତା ପଟ୍ଟନାୟକ, ବିନୋଦିନୀ ସେନାପତି, ମାନସୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶାନ୍ତନୁ ପାଣି, ନୃସିଂହ ହୋତା ଓ ନମିତା ପଣ୍ଡାଙ୍କୁ ମିଳିବ 'ଗୁରୁ ପ୍ରଣାମ ସମ୍ମାନ'

ଭୁବନେଶ୍ୱର,୭।୧୨(ବ୍ୟୁରୋ): ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜର ସହଯୋଗୀ ଅନୁଷ୍ଠାନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଆସନ୍ତା ବର୍ଷ ପାଇଁ 'ଗୁରୁ ପ୍ରଣାମ ସମ୍ମାନ' ଘୋଷଣା କରାଯାଇଛି। ବିଶିଷ୍ଟ ଶିକ୍ଷା ସଙ୍ଗଠକ ତଥା ଶିକ୍ଷାବିତ୍ ରୋଟାରିଆନ ଶାନ୍ତନୁ କୁମାର ପାଣି, ବିଶିଷ୍ଟ ପାଲାଚାର୍ଯ୍ୟ ନୃସିଂହ ଚରଣ ହୋତା ଏବଂ କବି ନମିତା କୁମାରୀ ପଣ୍ଡାଙ୍କୁ ଶିକ୍ଷା, ସାହିତ୍ୟ, ଭାଷା ଓ ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ 'ଗୁରୁ ପ୍ରଣାମ ସମ୍ମାନ' ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ଅଧକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି। ଆସନ୍ତା ଜାନୁଆରୀ ୬ତାରିଖରେ ବୁଦ୍ଧମନ୍ଦିରଠାରେ ଆୟୋଜନ ହେବାକୁ ଥିବା ମହୋତ୍ସବରେ ଏହି ସମ୍ମାନ ଦିଆଯିବ। ଡ. ବିମଳେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟି ଏହି ନାମଗୁଡ଼ିକ ସୁପାରିସ କରିଥିଲେ। କମିଟିରେ ପ୍ରଦ୍ୟୁମ୍ନ ଶତପଥି, ଡ. ବୁଦ୍ଧଦେବ ମିଶ୍ର, ଡ. ସୌରେନ୍ଦ୍ର ମହାପାତ୍ର ଓ ସୀତାବଲ୍ଲଭ ମହାପାତ୍ର ସଦସ୍ୟ ଥିଲେ। ଦୀର୍ଘ ୨୨ବର୍ଷ ଧରି ଏହି ସମ୍ମାନ ପ୍ରଦାନ କରାଯାଉଛି।

### କ୍ଲିନିକ୍‌କୁ ଆସି ଲୁଟିନେଲେ ଟଙ୍କା, ଅଳଙ୍କାର

ବାଲିଅନ୍ତା,୭।୧୨(ଡି.ଏନ୍.ଏ.): ବାଲିଅନ୍ତା ଥାନା ସାଇଫନ ଛକ ନିକଟ ତଳଗଡ଼ କେନାଲ ରାସ୍ତାପାର୍ଶ୍ୱ ଏକ ଡେଣ୍ଟାଲ କ୍ଲିନିକରେ ମଙ୍ଗଳବାର ୨ ଦୁର୍ବୃତ୍ତ ଦାନ୍ତ ଦେଖାଇବା ବାହାନା କରି ସେଠାରେ କାର୍ଯ୍ୟରତ ଜଣେ ଯୁବତୀଙ୍କଠାରୁ ସୁନା କାନଫୁଲ ଓ ୭ହଜାର ଟଙ୍କା ଲୁଟି ନେଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅପରାହ୍ନରେ ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି କ୍ଲିନିକ ପାଖରେ ପହଞ୍ଚିଥିଲେ। ଜଣେ ଭିତରକୁ ଦାନ୍ତ ଦେଖାଇବାକୁ ଯାଇଥିଲେ। ସେଠାରେ ଯୁବତୀଙ୍କୁ ଏକାଥିବା ଦେଖି ତାଙ୍କୁ ଚାପୁଡ଼ା ମାରି କାନଫୁଲ ଓ ଟଙ୍କା ନେଇଯାଇଥିଲେ।

### ବ୍ୟାଙ୍କ, ଏଟିଏମ୍ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଟିମ୍

ଭୁବନେଶ୍ୱର,୭।୧୨(ବ୍ୟୁରୋ): ରାଜଧାନୀରେ ବିଭିନ୍ନ ସମୟରେ ବ୍ୟାଙ୍କ ଏବଂ ଏଟିଏମ୍‌ରେ ଲୁଟପାଟ୍ ହେଉଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉ ନ ଥିବାରୁ ଲୁଟେରା ଗ୍ୟାଙ୍ଗ ଲୁଟ୍ କରିବାରେ ସଫଳ ହେଉଛନ୍ତି। ତେଣୁ ବ୍ୟାଙ୍କ ଓ ଏଟିଏମ୍‌ଗୁଡିକରେ ହେଉଥିବା ଲୁଟ୍ ରୋକିବାକୁ କମିଶନରେଟ ପୋଲିସ ସଜାଗ ହୋଇଛି। ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ୩ଜଣିଆ ଟିମ୍ ଗଠନ କରାଯାଇଛି। ଏ ନେଇ ମଙ୍ଗଳବାର ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବ୍ୟାଙ୍କ ଓ ଏଟିଏମ୍‌ଗୁଡିକରେ ସିସିଟିଭି ରହୁଛି କି ନାହିଁ, ଘରୋଇ ସୁରକ୍ଷାକର୍ମୀ ଜଗୁଛନ୍ତି କି ନାହିଁ, ଆଲାରାମ୍ ସିଷ୍ଟମ୍ ରହିଛି କି ନାହିଁ ଇତ୍ୟାଦିର ଯାଞ୍ଚ କରିବ ଏହି ୩ ଜଣିଆ ଟିମ୍। ଏପରି କି ସୁରକ୍ଷା ପାଇଁ ଥିବା ସରଞ୍ଜାମ ଠିକ୍ ଭାବେ ବ୍ୟବହାର ହେଉଛି କି ନାହିଁ, ଅପରାଧ ଘଟିଲେ ଏହାର ବ୍ୟବହାର ହୋଇପାରିବ କି ନାହିଁ ପ୍ରଭୃତି ବିଭିନ୍ନ ଦିଗକୁ ନେଇ ଏହି ଟିମ୍ ଯାଞ୍ଚ କରିବ। ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଥିବା ଅଫିସର ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଏକ ମାସ ଭିତରେ ଏହି ଟିମ୍‌କୁ ଯାଞ୍ଚ ରିପୋର୍ଟ ଦେବାକୁ କୁହାଯାଇଛି। ଯାଞ୍ଚ ରିପୋର୍ଟ ମିଳିବା ପରେ କମିଶନରେଟ ପୋଲିସ କାର୍ଯ୍ୟାଳୟକୁ ପଠାଯିବ। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଦାଶ କହିଛନ୍ତି।

## 'ଡାଲଚିନି' ପ୍ରଯୋଜକ, କଳାକାର ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୭।୧୨(ବ୍ୟୁରୋ)

ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ୍ ପକ୍ଷରୁ ସିମ୍‌ଲାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର 'ଡାଲଚିନି'ର ପ୍ରଯୋଜକ ଓ ଟିମ୍ ସଦସ୍ୟଙ୍କୁ ମଙ୍ଗଳବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ସମ୍ବର୍ଦ୍ଧିତ କରାଯାଇଛି। ମୌଳିକ କଥାବସ୍ତୁ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ନିତିଦିନିଆ ଜୀବନର ବାସ୍ତବ ଚିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ ହୋଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ତଥା ସିନେ ସମୀକ୍ଷକ ଦିଲ୍ଲୀପ ହାଲି ସ୍ୱାଗତ ଭାଷଣ ଦେଇଥିଲେ। ଡାଲଚିନିର ପ୍ରଯୋଜକ ଅତିଶ ରାଉତ, ନିର୍ଦ୍ଦେଶକ ଶିଶିର ସାହୁ, ପିନାକୀ ସିଂହ, ଚିତ୍ରନାଟ୍ୟ ଲେଖକ ଜିତେନ୍ଦ୍ରୀୟ ପ୍ରଧାନ, ଅଭିନେତା ପାର୍ଥସାରଥୀ ରାୟ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, କଣ୍ଠଶିଳ୍ପୀ ଗୌରବ ଆନନ୍ଦ ଓ କୁଳଦୀପ ପଟ୍ଟନାୟକ, ସମ୍ପାଦକ ରଶ୍ମିରଞ୍ଜନ ଦାସ, ଚିତ୍ରଗ୍ରହଣକାରୀ ଯୁଧିଷ୍ଠିର ବେହେରା, ପ୍ରଡକ୍ସନ କଣ୍ଟ୍ରୋଲର ଚନ୍ଦ୍ରମଣି ନାୟକ ପ୍ରମୁଖଙ୍କୁ ଉତ୍ସବରେ ସିନେକ୍ରିଟିକ୍ ଟ୍ରଫି, ଉପାୟନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



କବି ରକ୍ଷକ ନାୟକଙ୍କ କବିତା ସଙ୍କଳନ 'ଘରକୁ ଫେରିବାକୁ ଡର'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ରାଜଭବନରେ ଉନ୍ମୋଚନ କରୁଛନ୍ତି। କବିଙ୍କ ସହ ପ୍ରକାଶକ (ଅପୂର୍ବା) କ୍ଷୀରୋଦ ପତି ଉପସ୍ଥିତ ଥିଲେ।

# କର୍କଟ ରୋଗୀଙ୍କ ପାଇଁ ନୂଆ ଆଶା

### ବାଗ୍‌ଚୀ-କରୁଣାଶ୍ରୟ ଉଦ୍‌ଘାଟିତ

ଭୁବନେଶ୍ୱର, ୭।୧୨(ବ୍ୟୁରୋ)

କର୍କଟ ରୋଗୀଙ୍କ ନିମନ୍ତେ ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ବାଗ୍‌ଚୀ-କରୁଣାଶ୍ରୟ ଗୃହଭିତ୍ତିକ ସେବା (ହୋମ୍ କେୟାର ସର୍ଭିସ୍) କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମଙ୍ଗଳବାର ଏହି କେନ୍ଦ୍ରକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ସରକାର, ବାଙ୍ଗାଲୋର ହସ୍ପିସ୍ ଟ୍ରଷ୍ଟ ଏବଂ ବାଗ୍‌ଚୀ କରୁଣାଶ୍ରୟ ମିଳିତ ପ୍ରଚେଷ୍ଟାରେ ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଅନୁଷ୍ଠାନ ଆରମ୍ଭ ହୋଇଛି। ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର ସହାୟତା ନେଇ ବିଭିନ୍ନ ଅଞ୍ଚଳକୁ ଏହି ସେବା ସମ୍ପ୍ରସାରିତ କରିବା ପାଇଁ ମହାପାତ୍ର ପରାମର୍ଶ ଦେଇଥିଲେ। ଇନ୍‌ଫୋଭ୍ୟାଲି-୨ରେ ବାଗ୍‌ଚୀ-ଶ୍ରୀ ଶଙ୍କର କର୍କଟ ଚିକିତ୍ସାଳୟ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ଜମି ଦେଇଛନ୍ତି। ବାଗ୍‌ଚୀ ଶ୍ରୀ ଶଙ୍କର କର୍କଟ ଚିକିତ୍ସାଳୟ ଓ କରୁଣାଶ୍ରୟ ନିର୍ମାଣ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବ। ଏହା ପୂର୍ଣ୍ଣାଙ୍ଗ ହେଲେ କର୍କଟ ଚିକିତ୍ସା କ୍ଷେତ୍ରରେ ଓଡ଼ିଶା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଥିଲେ, ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିବ। ବାଙ୍ଗାଲୋର ହସ୍ପିସ୍ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଗୁରୁମିତ ସିଂ ରନ୍ଧାୱା କହିଥିଲେ, ଏହି କେନ୍ଦ୍ର ଭୁବନେଶ୍ୱର ଏମ୍ସ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା ପ୍ରତିଷ୍ଠାନ ଏବଂ ରାଜଧାନୀ ଚିକିତ୍ସାଳୟ ସହ ସମନ୍ୱିତ ଭାବେ କାର୍ଯ୍ୟ କରିବ। ଏହି ଅବସରରେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ର (ଏଏଚ୍‌ଆର୍‌ସିଆର୍‌ସି) ଏବଂ ବାଗ୍‌ଚୀ କରୁଣାଶ୍ରୟ ହସ୍ପିସ୍ ଟ୍ରଷ୍ଟ ମଧ୍ୟରେ କର୍କଟ ଚିକିତ୍ସା ନିମନ୍ତେ ସହଯୋଗିତା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବାଙ୍ଗାଲୋର ହସ୍ପିସ୍ ଟ୍ରଷ୍ଟର ସହ-ନିର୍ଦ୍ଦେଶକ ଡା. ବବିତା ଭାରକେ କର୍କଟ ରୋଗୀଙ୍କୁ ଗୃହଭିତ୍ତିକ ସେବା ଯୋଗାଉଥିବା କର୍ମଚାରୀ ଏବଂ ଅନୁଷ୍ଠାନ ବିଷୟରେ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଏବଂ ମୋ ସ୍କୁଲ୍ ଅଭିଯାନ ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବାଗ୍‌ଚୀ-କରୁଣାଶ୍ରୟ କେନ୍ଦ୍ର ଉଦ୍‌ଘାଟନ ଅବସରରେ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟମାନେ।

### ବାଙ୍ଗାଲୋର କରୁଣାଶ୍ରୟ-ଏଏଚ୍‌ଆର୍‌ସିଆର୍‌ସି ମଧ୍ୟରେ ଏମ୍‌ଓୟୁ

## ଟୁର୍ ଆଣ୍ଡ ଟ୍ରାଭେଲ ଏଜେନ୍ସିଙ୍କ ସହ ପୂର୍ବତଟ ରେଳପଥର ବୈଠକ

ଭୁବନେଶ୍ୱର,୭।୧୨

ଭାରତର ସଂସ୍କୃତି ଓ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ନଭେମ୍ବର ଶେଷ ସପ୍ତାହରେ ଭାରତୀୟ ରେଳପଥ 'ଭାରତ ଗୌରବ ଟ୍ରେନ୍ ନୀତି' ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବତଟ ରେଳପଥ ପକ୍ଷରୁ ଏକ ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ଉକ୍ତ ଟ୍ରେନ ସମ୍ବନ୍ଧୀୟ ବୈଠକ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୂର୍ବତଟ ରେଳପଥ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ (ପାସେଞ୍ଜର ମାର୍କେଟିଂ) ପି.ସି. ସାହୁ ଉକ୍ତ ଟ୍ରେନ ସମ୍ବନ୍ଧୀୟ ବୈଶିଷ୍ଟ୍ୟକୁ ସଂକ୍ଷେପରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମୁଖ୍ୟ ଯାତ୍ରୀ ଯାତାୟାତ ପ୍ରବନ୍ଧକ ଜେ.ପି.ମିଶ୍ର ଏବଂ ଉପ ମୁଖ୍ୟ ଯନ୍ତ୍ରୀ (କୋଚିଂ)ଙ୍କ ସମେତ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଟୁର୍ ଆଣ୍ଡ ଟ୍ରାଭେଲର ଏଜେନ୍ସିମାନେ ଅଂଶଗ୍ରହଣ କରିଥିଲେ। ଏହି ଯୋଜନା ଅଧୀନରେ ପଞ୍ଜୀକୃତ ସେବା ପ୍ରଦାନକାରୀଙ୍କୁ ଭାରତ ଗୌରବ ଟ୍ରେନ୍ ଚଳାଚଳ ପାଇଁ ଭାରତୀୟ ରେଳବାଇ ଦ୍ୱାରା ବ୍ୟବହାର କରିବାର ଅଧିକାର ଆଦର୍ଶ ଅଧୀନରେ ରେକ୍ ପ୍ରଦାନ କରାଯିବ। ଟୁର୍ ପ୍ୟାକେଜ୍ ଏବଂ ମୂଲ୍ୟ ସ୍ଥିର କରିବାକୁ ସେବା ପ୍ରଦାନକାରୀଙ୍କର ନମନୀୟତା ରହିବ ଏବଂ ରେଳ ଭ୍ରମଣ, ହୋଟେଲ ରହଣି, ଦର୍ଶନୀୟ ସ୍ଥାନ ସମେତ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ଦେୟ ଅନ୍ତର୍ଭୁକ୍ତ ପ୍ୟାକେଜ୍ ପ୍ରଦାନ କରିବାର ସ୍ୱାଧୀନତା ମଧ୍ୟ ରହିବ। ସେହିଭଳି ଅନେକ ସୁବିଧା ସହ ଆଗାମୀ ଦିନରେ ଅନେକ ସେବା ସମସ୍ତଙ୍କୁ ମିଳିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

# ଫେରି ପାଇବେ ଅତିରିକ୍ତ କମ୍ପାଉଣ୍ଡ ଫି'

ଭୁବନେଶ୍ୱର, ୭।୧୨(ବ୍ୟୁରୋ)

### ସର୍ବକ୍ଷମା ଯୋଜନା

■ ତ୍ରୁଟି ସୁଧାରିବାକୁ ଆଉ ୭ଦିନ ସମୟ ଦେଲା ବିଡିଏ

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଗଢି ଉଠିଥିବା ବେଆଇନ୍ ଗୃହ ନିର୍ମାଣଗୁଡିକୁ ନିୟମିତ କରିବା ସକାଶେ ରାଜ୍ୟ ସରକାର ୨୦୧୮ରେ ସର୍ବକ୍ଷମା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ହୋଇଥିବା ଏକାଧିକ ଆବେଦନରେ ତ୍ରୁଟି ରହିଛି। ସେ ନେଇ ସମ୍ପୃକ୍ତ ଆବେଦନକାରୀଙ୍କୁ ଉତ୍ତର ରଖିବାକୁ କୁହାଯାଇଛି। ଏଥିଲାଗି ପୁଣିଥରେ ସର୍ବକ୍ଷମା ସମୟସୀମାକୁ ବଢ଼ାଇ ଦିଆଯାଇଛି। ଏଥିପାଇଁ ସମ୍ପୃକ୍ତ ଗୃହ ମାଲିକଙ୍କୁ ଆଉ ୭ ଦିନ ଅର୍ଥାତ୍ ଆସନ୍ତା ୧୫ ତାରିଖ ଯାଏ ସମୟ ଦିଆଯାଇଛି। ଏ ନେଇ ମଙ୍ଗଳବାର ବିଡିଏ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂହ କହିଛନ୍ତି, ସର୍ବକ୍ଷମା ଯୋଜନାରେ ବହୁ ଲୋକଙ୍କୁ ପ୍ଲାନ୍ ଆପ୍ରୁଭାଲ ମିଳିସାରିଛି। କିନ୍ତୁ ଏବେ ମଧ୍ୟ ଅନେକ ଆବେଦନକାରୀଙ୍କୁ ସେମାନଙ୍କ ଅତରିକ୍ତ କମ୍ପାଉଣ୍ଡ ଫି' ମିଳିପାରିନାହିଁ। ସେଗୁଡ଼ିକୁ ତୁରନ୍ତ ଦେବାକୁ ନିର୍ଦ୍ଦେଶ ଥିବାବେଳେ ଆସନ୍ତା ୧୫ ତାରିଖ ସୁଦ୍ଧା ଏନେଇ ଆବେଦନ କରିବାକୁ କୁହାଯାଇଛି। ଅତିରିକ୍ତ କମ୍ପାଉଣ୍ଡ ଫି' ଫେରାଇବାକୁ ଚଳିତ ମାସରେ ଆସିଥିବା ସମସ୍ତ ଆବେଦନକୁ ବିଡିଏ ପକ୍ଷରୁ ଗୃହୀତ କରାଯିବା ସହ ଆବଦନକାରୀଙ୍କୁ ଅର୍ଥ ଫେରାସରିଛି। ଆବେଦନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଉକ୍ତ କମ୍ପାଉଣ୍ଡ ଫି' ଫେରାଯାଉଛି। କିନ୍ତୁ ଏବେ ମଧ୍ୟ କେତେକ ବ୍ୟକ୍ତି ନିଜ ଅତିରିକ୍ତ କମ୍ପାଉଣ୍ଡ ଫି' ନେବା ପାଇଁ ଆବେଦନ କରିନାହାନ୍ତି। ଆସନ୍ତା ୩୧ ତାରିଖ ସୁଦ୍ଧା ସମସ୍ତ ଆବେଦନକୁ ବିଡିଏ ଓ ବିଏମ୍‌ସି ଦ୍ୱାରା ଗୃହୀତ କରାଯିବା ସହ ଅତିରିକ୍ତ ରାଶି ପ୍ରଦାନ କରାଯିବ ବୋଲି କମିଶନର ସିଂହ କହିଛନ୍ତି। ଆସନ୍ତା ୧୦ ତାରିଖ ସୁଦ୍ଧା ବିଏମ୍‌ସି ଓ ବିଡିଏ କାର୍ଯ୍ୟାଳୟରେ ଏନେଇ ଆବେଦନ କରିବାକୁ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି। ଅପରପକ୍ଷେ ବିଡିଏ ଅଧିନରେ ସମସ୍ତ ଆବଣ୍ଟନଗ୍ରାହୀଙ୍କୁ ଆସନ୍ତା ୧୫ ତାରିଖ ସୁଦ୍ଧା ଘର ଦଲିଲ୍ (ଲିଜ୍ ଡିଡ୍) ଆବେଦନ କରିବାକୁ କୁହାଯାଇଛି। ସମସ୍ତ ଜମି, ଗୃହ, ଫ୍ଲାଟ୍, ଦୋକାନ ଘର ଓ ଆବାସ ଘରର ଲିଜ୍ ଡିଡ୍‌କୁ ଆସନ୍ତା ୩୧ ଡିସେମ୍ବର ସୁଦ୍ଧା ବିଡିଏ ଉକ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

## କୋର୍ଟ ନିର୍ଦ୍ଦେଶ ଅବମାନନା କରି ଡଣ୍ଡ ଗଣିଲେ

ବାଲିପାଟଣା,୭।୧୨(ଡି.ଏନ୍.ଏ.)

ବାଲିପାଟଣା ତହସିଲ ଅନ୍ତର୍ଗତ ମୁକୁନ୍ଦଦାସପୁର ନଦୀପଠାରୁ ବାଲି ଉଠାଇବା ଲାଗି କୋର୍ଟଙ୍କ ପକ୍ଷରୁ ବାରଣ କରାଯିବା ସହ ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା। ତେବେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ନଦୀପଠାରୁ ବାଲି ଉଠାଯାଉଥିବା ନେଇ ଅଭିଯୋଗ ହେଉଥିଲା। ସ୍ଥାନୀୟ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଓ ବାଲିପାଟଣା ଆଇଆଇସି କୃପାସିନ୍ଧୁ ବରାଡ଼ ଏକ ଟିମ୍ ସହ ସୋମବାର ଚଢ଼ାଉ କରି ୪ ଜେସିବି ଓ ଗୋଟିଏ ହାଇୱାକୁ ଜବତ କରିଥିଲେ। ୪ ଜେସିବିକୁ ଥାନାରେ ଅଟକ ରଖାଯାଇଥିବା ବେଳେ ହାଇୱା ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଗାଡ଼ିକୁ ଛାଡ଼ିଦିଆଯାଇଛି। ପ୍ରକାଶ ଯେ, ମୁକୁନ୍ଦଦାସପୁର ନଦୀପଠାରୁ ବେଆଇନ ଭାବେ ବାଲି ଚୋରାଚାଲାଣ କରାଯାଉଥିଲା। ନଦୀକୂଳ ଓ ବନ୍ଧ ପ୍ରତି ବିପଦ ସୃଷ୍ଟି ହେବାରୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ଏନେଇ ତହସିଲଦାର ତ୍ରିପାଠୀଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲଦାର ତ୍ରିପାଠୀ ଏ ସମ୍ପର୍କରେ ତଦନ୍ତ କରିଥିଲେ। ପରେ ଏନେଇ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା।



ଫାଷ୍ଟ ପାସେଞ୍ଜର ଟ୍ରେନ୍ ଚଳାଚଳ ସମେତ ୩ ଦଫା ଦାବିରେ ଫେଡେରେଶନ୍ ଅଫ୍ ଡେଲି ଟ୍ରେନ ପାସେଞ୍ଜର୍ସ ଆସୋସିଏଶନ୍ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ସମ୍ମୁଖରେ ଧାରଣା ଦିଆଯାଇଛି।




ୟୁନିସେଫ୍ ଏବଂ ଗ୍ଲୋବାଲ ପଲିସ୍ ରିସର୍ଚ୍ଚ ଫାଉଣ୍ଡେଶନ ଦ୍ୱାରା ମଙ୍ଗଳବାର ଆୟୋଜିତ ମୋ'କଥା ଶୁଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଧାନସଭା ବାଚସ୍ପତି ଏବଂ ବିଭିନ୍ନ ଦଳର ବିଧାୟକ। ଏଥିରେ ଶିଶୁମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

**ନିର୍ଯାତନା ଦେବା ଅଭିଯୋଗରେ ଯୁବକ ଗିରଫ**

ଚୌଦ୍ୱାର,(ଡି.ଏନ୍.ଏ.)- ମା'ବାପାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଚୌଦ୍ୱାର ପୋଲିସ ସ୍ଥାନୀୟ ବ୍ରାହ୍ମଣ ସାହିର ପ୍ରକାଶ ନାୟକ(୨୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ନିଶାସକ୍ତ ଅବସ୍ଥାରେ ମା'ବାପାଙ୍କୁ ଗାଳିଗୁଲଜ କରିବା ସହ ନିର୍ଯାତନା ଦେଉଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୩୩/୨୧) ରୁଜୁ କରିଛି।



## ଆଜି କ'ଣ କେଉଁଠି

କଟକ

- ଛାତ୍ର, ଶିକ୍ଷକ, ଅଭିଭାବକ ମିଳିତ ମଞ୍ଚ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ, ମାଧ୍ୟମିକ ଶିକ୍ଷା ପରିଷଦ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ସାରସ୍ୱତ ସାଧକ ଡ. ସୁବୋଧ କୁମାର ଚାଟାର୍ଜୀଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ କରି ଅଳଙ୍କାର ଲୁଟ୍

**ଫୁଲନଖରା,୭।୧୨(ଡି.ଏନ.ଏ.):** ବାଲିଅନ୍ତା ଥାନା ଅନ୍ତର୍ଗତ ଜନ୍ମେଜୟପୁର ଗ୍ରାମର ପ୍ରିୟଙ୍କା ରଥ ନାମ୍ନୀ ମହିଳାଙ୍କଠାରୁ ଅଳଙ୍କାର ଲୁଟ୍ ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଅପରାହ୍ନ ୪ଟାରେ ସେ ନିକଟସ୍ଥ ବଜାରରୁ ଘରକୁ ଫେରୁଥିବାବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଗୋଟିଏ ଚେନ, ମୁଦି, ସୁନାଚୁଡି ଲୁଟି ନେଇଥିଲେ। ଆକ୍ରମଣରେ ପ୍ରିୟଙ୍କାଙ୍କ ବେକ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ତାଙ୍କୁ ମହାଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ପାହାଳ ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଅବସରକାଳୀନ ଭତ୍ତା ପ୍ରଦାନ ପାଇଁ ଦାବି

**କଟକ ଅଫିସ,୭।୧୨:** ଓଡ଼ିଶା ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ କର୍ମଚାରୀ ସଂଘ କଟକ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ରାଜ୍ୟରେ ୫୧ଟି ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀଙ୍କୁ ଅବସରକାଳୀନ ଭତ୍ତା ଓ ପେନ୍ସନ ପ୍ରଦାନ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସେମାନେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ସୁଫଳ ମିଳିପାରିନାହିଁ। ତୁରନ୍ତ ସେମାନଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ ପାଇଁ ଦାବି କରାଯାଉଛି।

### ଓଡ଼ିଶୀ ନୃତ୍ୟଗୁରୁଙ୍କ ପରଲୋକ

**ଚୌଦ୍ୱାର,୭।୧୨(ଡି.ଏନ୍.ଏ.):** କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ହିଙ୍ଗୁଳାଇସାହି ସ୍ଥିତ ବାସଭବନରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶୀ ନୃତ୍ୟଗୁରୁ ଅନିଲ କୁମାର ଲେଙ୍କା(୬୨)ଙ୍କର ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ନୃତ୍ୟଶିଳ୍ପୀ ଓ ସ୍ଥାନୀୟ ବାସିନ୍ଦା ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରାଯାଇ ନିକଟସ୍ଥ ଘଡ଼ଘଡ଼ିହୁଡ଼ା ଶ୍ମଶାନରେ ସତ୍କାର କରାଯାଇଥିଲା। ବଡ଼ପୁଅ ରଶ୍ମିରଞ୍ଜନ ଲେଙ୍କା ମୁଖାଗ୍ନି ଦେଇଥିଲେ। ଅନିଲ ଜଣେ ମେଳାପୀ, ପରୋପକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ଛାତ୍ରୀଛାତ୍ରଙ୍କୁ ସେ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଇଥିଲେ। ଏଥିସହ ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଅନିଲଙ୍କ ମୃତ୍ୟୁରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଶୋକ ପ୍ରକାଶ କରିଛନ୍ତି।

### ବିପ୍ଳବୀ ପୀରପ୍ରସାଦ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

**ବାଙ୍କୀ,୭।୧୨(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ପଥୁରୀପଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ତଥା ଗୋଆ ମୁକ୍ତି ଆନ୍ଦୋଳନର ଅନ୍ୟତମ ସାରଥି ବିପ୍ଳବୀ ସ୍ୱର୍ଗତ ପୀରପ୍ରସାଦ ପଟ୍ଟନାୟକଙ୍କୁ ଆଜାଦି କା ଅମୃତମୟ ଉତ୍ସବରେ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ପଥୁରୀପଡ଼ାସ୍ଥିତ ମହାବେରଣା ବିଦ୍ୟାଳୟ ପରିସରରେ କାୟାକଳ୍ପ ଅନୁଷ୍ଠାନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ସଭାପତି ରାଜକିଶୋର ସ୍ୱାଇଁ, ସମ୍ପାଦକ ତ୍ରିଲୋଚନ ଦାସ, ଡ. ତପନ ଦତ୍ତ, ନରେଶ ମିଶ୍ର, ଦିଲୀପ ପାତ୍ର, ସୁନୀଲ କୁମାର ମିଶ୍ର, ସଦାଶିବ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।

# ପ୍ରେକ୍ଷାଳୟରୁ ମୁହଁ ଫେରାଉଛନ୍ତି ଦର୍ଶକ

**ଭୁବନେଶ୍ୱର, ୭।୧୨ (ବ୍ୟୁରୋ)**



■କରୋନା ପରେ ବିଗୁଡୁଛି ସ୍ଥିତି
■ଚିନ୍ତାରେ ହଲ୍ ମାଲିକ

ମନୋରଞ୍ଜନର ଅନ୍ୟତମ ମାଧ୍ୟମ ହେଉଛି ସିନେମା। ଟେଲିଭିଜନ ମାଧ୍ୟମରେ ଯେତେ ଚଳଚ୍ଚିତ୍ର ଦେଖିଲେ ବି ହଲ୍‌ରେ ବସି ଦେଖିବାର ମଜା ନିଆରା। ତେବେ କରୋନା ମହାମାରୀ ଯୋଗୁ ସିନେମା ଶିଳ୍ପ ପ୍ରଭାବିତ ହୋଇଛି। ଅର୍ଥାଭାବ ଯୋଗୁ ଅନେକ ସିନେମା ହଲ୍ ବନ୍ଦ ହୋଇଗଲାଣି। ତେଣୁ ବଡ଼ପରଦାରେ ସିନେମା ଦେଖିବା ଏବେ ଏକପ୍ରକାର ସ୍ୱପ୍ନ ପାଲଟିଲାଣି। ଆଗଭଳି ଆଉ ଦର୍ଶକ ଆସୁ ନ ଥିବାରୁ ହଲ୍‌ଗୁଡିକ କ୍ଷତିରେ ଚାଲିଛି। କୋଭିଡ୍ ସ୍ଥିତିରେ ସାମାନ୍ୟ ସୁଧାର ଆସିବା ପରେ ରାଜ୍ୟ ସରକାର ପ୍ରଥମେ ୫୦ପ୍ରତିଶତ ଦର୍ଶକଙ୍କୁ ନେଇ ହଲ୍ ଖୋଲିବାକୁ ଅନୁମତି ଦେଇଥିଲେ। ଏହାର କିଛିଦିନ ପରେ ପୂର୍ଣ୍ଣ ମାତ୍ରାରେ ଦର୍ଶକ ହଲ୍‌କୁ ଯାଇ ପାରିବେ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ହଲ୍ ମାଲିକଙ୍କଠାରୁ ଆରମ୍ଭ କରି ଏଥି ସହିତ ଜଡିତ ଥିବା କର୍ମଚାରୀ ଏବଂ ଦର୍ଶକ ସମସ୍ତେ ଖୁସି ହୋଇଥିଲେ। ଧିରେ ଧିରେ ପୂର୍ବ ସ୍ଥିତି ଫେରି ଆସିବ ବୋଲି ମାଲିକମାନେ ଆଶା ବାନ୍ଧିଥିଲେ। ମାତ୍ର ପୁଣି କରୋନା ସେମାନଙ୍କ ଖୁସିରେ ଗ୍ରହଣ ସାଜିଲା। ସଂକ୍ରମଣ ଆଶଙ୍କାରେ ରାଜ୍ୟ ସରକାର ପୁନର୍ବାର ୫୦ ପ୍ରତିଶତ ଦର୍ଶକରେ ହଲ୍ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ କରୋନା ପରେ ଦର୍ଶକଙ୍କ ସଂଖ୍ୟାରେ ଦ୍ରୁତ ହ୍ରାସ ପାଇଛି। ମହାମାରୀ ସମୟରେ ଅଧିକାଂଶ ପ୍ରଯୋଜକ ଓଟିଟି ପ୍ଲାଟଫର୍ମରେ ଫିଲ୍ମ ରିଲିଜ୍ କଲେ। ଯାହାକି ଦର୍ଶକ ବିଶେଷକରି ଯୁବପିଢ଼ିଙ୍କ ଦ୍ୱାରା ଆଦୃତ ହେଲା। ସେହିପରି ଅନେକ ଓଡ଼ିଆ ଫିଲ୍ମ ମଧ ଟେଲିଭିଜନ୍ ଜରିଆରେ ରିଲିଜ୍ କରାଗଲା। ଘରେ ବସି ମାଗଣାରେ ନୂଆ ଫିଲ୍ମର ମଜା ନେବା ପରେ ଲୋକେ ହଲ୍‌ଠାରୁ ମୁହଁ ଫେରାଇବାରେ ଲାଗିଛନ୍ତି। ଫଳରେ ହଲ୍ ଚଳାଇବା ପାଇଁ ଆବଶ୍ୟକୀୟ ଅର୍ଥ ମିଳିବା କଷ୍ଟସାଧ ହୋଇପଡୁଛି। ଏପରି ଚାଲିଲେ ଆଉ କିଛିଦିନ ମଧରେ ହଲ୍ ଶିଳ୍ପ ବୁଡ଼ିଯିବା ଆଶଙ୍କା କରାଯାଉଛି।

**ଏମାନେ କୁହନ୍ତି...**



➩ହଲ୍ ଖୋଲିବା ପରେ ଭଲ ରେସ୍‌ପନ୍ସ ମିଳିଥିଲା। ମାତ୍ର ପୁଣି ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ଖୋଲାଯିବାକୁ ନିର୍ଦ୍ଦେଶ ମିଳିଥିବାରୁ ଚିନ୍ତା ବଢିଛି। ହିନ୍ଦୀ ଫିଲ୍ମ ପଡ଼ିଲେ କିଛି କିଛି ଦର୍ଶକ ଆସୁଛନ୍ତି। ମାତ୍ର ପୂର୍ବଭଳି ବେପାର ହେଉନାହିଁ।

**-ରବୀନ୍ଦ୍ର କୁମାର ସାହୁ, ଶ୍ରୀୟା ସ୍ୱାତୀ ସିନେ କମ୍ପ୍ଲେକ୍ସ ମ୍ୟାନେଜର।**



➩ଶତପ୍ରତିଶତ ଦର୍ଶକଙ୍କୁ ନେଇ ହଲ୍ ଚାଲିବାକୁ ଅନୁମତି ମିଳିବା ପରେ ପିକ୍‌ଅପ୍ ଆସିଥିଲା। ଭାବିଥିଲୁ ସ୍ଥିତି ସୁଧୁରିବ ଓ ହଲ୍ ତା'ର ପୂର୍ବସ୍ଥିତିକୁ ଫେରି ଆସିବ। କିନ୍ତୁ ସରକାର ପୁଣି କଟକଣା ଲଗାଇଦେଲେ। ହଲ୍‌ରେ ଗୋଟେ ଛାଡ଼ି ଗୋଟେ ସିଟ୍‌ରେ ବସୁଥିବାରୁ ଦର୍ଶକ ଟିକେ ଅସନ୍ତୁଷ୍ଟ ହେଉଛନ୍ତି। ବିଶେଷକରି ପରିବାର ସହିତ ଆସିଥିବା ଦର୍ଶକମାନେ ଏହାକୁ ପସନ୍ଦ କରୁନାହାନ୍ତି। ସରକାର ୫୦ ପ୍ରତିଶତ ଦର୍ଶକ ପାଇଁ ଅନୁମତି ଦେଇଥିଲେ ବି ୨୫ ପ୍ରତିଶତ ଦର୍ଶକ ହଲ୍‌କୁ ଆସୁନାହାନ୍ତି। ଆଗରୁ ଦିନକୁ ୬ଟି ଶୋ' ହେଉଥିଲା। ଏବେ ୫ଟି ଶୋ' କରାଯାଉଛି। ସେଥିରେ ବି ଦର୍ଶକ ଆସୁନାହାନ୍ତି। ବହୁତ କ୍ଷତି ହେଉଛି।

**-ବିନୋଦ କୁମାର ସାମଲ, କେଶରୀ ହଲ୍ କର୍ମଚାରୀ।**



➩ହଲ୍‌ରେ ଫିଲ୍ମ ଦେଖିବାକୁ ଭଲ ଲାଗେ। ଆଗରୁ ସାଙ୍ଗ ଓ ପରିବାର ସହିତ ଫିଲ୍ମ ଦେଖିବାକୁ ଯାଉଥିଲି। ହେଲେ କଟକଣା ଭିତରେ ଛାଡ଼ି ଛାଡି କରି ବସି ହଲ୍‌ରେ ଫିଲ୍ମ ଦେଖିବାକୁ ଇଚ୍ଛା ହେଉନି। ତା'ଛଡା ଆଜିକାଲି ମୋବାଇଲ୍‌ର ଗୋଟେ କ୍ଲିକ୍‌ରେ ଘରେ ବସି ଫିଲ୍ମ ଦେଖିହେଉଛି। ତେବେ ଅଯଥାରେ ହଲ୍ କାହିଁକି ଯିବୁ ।

**-ରାଜେନ୍ଦ୍ର ସାହୁ, ରାଜଧାନୀ ବାସିନ୍ଦା**

### ହିନ୍ଦ୍ ସିନେମା ଅଞ୍ଚଳ ପରିଦର୍ଶନ କଲେ ଜିଲାପାଳ, ସିଏମ୍‌ସି ଅଧିକାରୀ

**କଟକ ଅଫିସ,୭।୧୨**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ଜାରିରହିଛି। ଏହି ପରିପ୍ରେକ୍ଷୀରେ ମେଡିକାଲର ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଓ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଉଛି। ଗତ ୨୯ ତାରିଖରେ ରାଣୀହାଟ ସ୍ଥିତ ହିନ୍ଦ ସିନେମା ହଲ ଭଙ୍ଗାଯାଇଥିଲା । ମଙ୍ଗଳବାର ଉକ୍ତ ଅଞ୍ଚଳ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ(ସିଏମ୍‌ସି) ପ୍ରଶାସକ ଅନିଲ ସାମଲ ଓ କମିଶନର ଅନନ୍ୟା ଦାସ ପରିଦର୍ଶନ କରିଛନ୍ତି। ତେବେ ରାସ୍ତା ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜମି ବାଦ୍ ଅନ୍ୟ ସ୍ଥାନରେ ଜନସାଧାରଣଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଟେଲ, ରୋଗୀ ସମ୍ପର୍କୀୟଙ୍କ ପାଇଁ ପ୍ରତୀକ୍ଷାଳୟ ଏବଂ ଧର୍ମଶାଳା ଆଦି ନିର୍ମାଣ କରାଯିବାର ଯୋଜନା ରହିଛି। ଏ ସମ୍ପର୍କରେ ସେମାନେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏନେଇ ସିଏମ୍‌ସି ଡେପୁଟି କମିଶନର ଅଭିନାଶ ରାଉତ କହିଛନ୍ତି, ପୂର୍ତ୍ତ ସଚିବ ସ୍ଥାନ ନିରୀକ୍ଷଣ କରିବା ପରେ କ'ଣ ନିର୍ମାଣ ହେବ ତାହା ସ୍ପଷ୍ଟ ହେବ।

### ମେଗା ମିଶନ ଶକ୍ତି ଋଣ ମେଳା

**ବାଙ୍କୀ,୭।୧୨(ସ୍ୱ.ପ୍ର.)**

ବାଙ୍କୀ ଓ ଡମପଡା ବ୍ଲକସ୍ତରୀୟ ମେଗା ମିଶନ ଶକ୍ତି ଋଣ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଲଡିଏମ୍ ରାଜେଶ କୁମାର ବେହେରା, ବିଏଲ୍‌ଏଫ୍‌ର ସଭାନେତ୍ରୀ ଲିଲି ବେହେରା ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଋଣ ଯୋଗାଇଦେବା ମେଳାର ମୂଳ ଲକ୍ଷ୍ୟ ବୋଲି ବେହେରା କହିଥିଲେ। ମେଳାରେ କୃଷି, ଉଦ୍ୟାନ, ମାଛଚାଷ ଓ କୁକୁଡ଼ା ପାଳନ ପାଇଁ ୧୧୬ ଏସ୍‌ଏଚ୍‌ଜିକୁ ୩ କୋଟି ୬୮ ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉଭୟ ବ୍ଲକର ବିଭିନ୍ନ ବ୍ୟାଙ୍କରେ ଥିବା କର୍ମକର୍ତ୍ତାଙ୍କ ସମେତ ବିଡିଓ ଶ୍ୟାମଳ କୁମାର ରାୟ, ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଞ୍ଜ, ସୁଜାତା ମହାପାତ୍ର, ପ୍ରଦ୍ୟୁମ୍ନ ସ୍ୱାଇଁ ଏବଂ ସଂଘମିତ୍ରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### 'ମହିଳାଙ୍କ ପ୍ରତି ହିଂସା ରୋକିବା ସମସ୍ତଙ୍କ ଗୁରୁଦାୟିତ୍ୱ'

**ବାଙ୍କୀ,୭।୧୨(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଆଇଏସ୍‌ଡି ଦ୍ୱାରା ପରିଚାଳିତ ସଖୀ କଟକର ମିଳିତ ସହଯୋଗରେ ମହିଳା ହିଂସା ନିରୋଧ ଉପରେ ମଙ୍ଗଳବାର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଦୃଶ୍ୟଶ୍ରାବ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ଡ. ଅରୁଣ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କ୍ଲାପ ଇଣ୍ଡିଆର ସଭାପତି ଡ.ବିକାଶ ଦାଶ ଯୋଗଦେଇ ମହିଳାଙ୍କ ପ୍ରତି ହିଂସା ରୋକିବା ସମସ୍ତଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆଇଏସ୍‌ଡି ଓ ସଖୀର ପ୍ରଶାସନିକ ଅଧିକାରିଣୀ ସୌମ୍ୟା ସୁଚରିତା ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଆଇନଜୀବୀ ବିଜୟ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ବିଷ୍ଣୁପ୍ରିୟା ପ୍ରଧାନ, ସତ୍ୟଜିତ ଦାସ, ଡ.ସନ୍ଧ୍ୟାରାଣୀ ମହାନ୍ତି ଓ ସରସ୍ୱତୀ ଦେଉରୀ ପ୍ରମୁଖ ଯୋଗଦେଇଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ସାରସ୍ୱତ ସାଧକ ଶରତ କୁମାର କରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## 'ଶରତ ଥିଲେ ବିରଳ ରାଜନେତା'

**କଟକ ଅଫିସ, ୭।୧୨**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଶରତ କୁମାର କରଙ୍କ ତୈଳଚିତ୍ର କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ସାହିତ୍ୟ ବିଶାରଦ ପଦ୍ମଶ୍ରୀ ରଜତ କୁମାର କର ଏହାକୁ ଉନ୍ମୋଚନ କରିଥିଲେ। କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଶରତଙ୍କୁ ରାଜନୀତି ଓ ରାଜନୈତିକ ପରିସର ମଧ୍ୟରେ ଆବଦ୍ଧ କରି ରଖିପାରିବା ନାହିଁ। ଶରତଙ୍କ ପରି ରାଜନେତା ବିରଳ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେଇ କହିଥିଲେ, ସମାଜ ସେବାଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ ଶରତଙ୍କ କାର୍ଯ୍ୟଦକ୍ଷତାର ପଟାନ୍ତର ନାହିଁ। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡ. ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ତପନ କୁମାର ସ୍ୱାଇଁ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସିପ୍ରା କର ଧନ୍ୟବାଦ ଦେଇଥିଲେ।

## ପଦ୍ମଶ୍ରୀ ଅରୁଣା ମହାନ୍ତି ପାଇଲେ ଡ. କଲ୍ୟାଣୀ ମିଶ୍ର ସ୍ମୃତି ସମ୍ମାନ

**କଟକ ଅଫିସ, ୭।୧୨**



ସମାରୋହରେ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ଡକ୍ଟର କଲ୍ୟାଣୀ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଡ. କଲ୍ୟାଣୀ ମିଶ୍ର ସ୍ମାରକୀ ସାଂସ୍କୃତିକ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡ. ଭବାନୀ ଶଙ୍କର ଦାସ ଉଦ୍‌ଘାଟନ କରିଥିଲେ। କଳା ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ ସମାରୋହରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଲୁପ୍ତ ହୋଇଯାଉଥିବା ପାରମ୍ପରିକ ଲୋକକଳାର ଉଦ୍ଧାର ଆମ ସମସ୍ତଙ୍କର ଦାୟିତ୍ୱ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରସେନଜିତ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ଡକ୍ଟର କଲ୍ୟାଣୀ ମିଶ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ କ୍ଷୁଦ୍ର ପ୍ରମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିବାବେଳେ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ସମାରୋହରେ ଡ. ସ୍ନେହଲତା ମିଶ୍ର ଓ ସୁଦୀପ୍ତା ଦାଶ ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଧାରଣା

**ସାଲେପୁର,୭।୧୨(ଡି.ଏନ.ଏ)**

ସାଲେପୁର ବ୍ଲକ ନାଦୋଳ ପଞ୍ଚାୟତସ୍ଥିତ ଭାତପଡା ପ୍ରୋଜେକ୍ଟ ହାଇସ୍କୁଲର ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି କରାଯାଇଛି। ଏହାକୁ ବାତିଲ କରିବା ଦାବିରେ ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ଅଭିଭାବକମାନେ ମଙ୍ଗଳବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ କହିବାନୁଯାୟୀ, ଆଗକୁ ମାଟ୍ରିକ ପରୀକ୍ଷା ଥିବାରୁ ବର୍ତ୍ତମାନ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳି କରିବା ଉଚିତ୍ ନୁହେଁ। ଫଳରେ ପିଲାମାନଙ୍କର ପାଠପଢା ବାଧାପ୍ରାପ୍ତ ହେବ। ଏହି ବଦଳି ବାତିଲ କରିବାକୁ ଧାରଣାକାରୀମାନେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏକ ଦାବିପତ୍ର ଦେଇଥିଲେ। ପରେ ପ୍ରଧାନଶିକ୍ଷକ ଧାରଣାକାରୀଙ୍କ ନିକଟରେ ପହଞ୍ଚି ଏସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦିଆଯିବ ବୋଲି ନାଦୋଳ ପଞ୍ଚାୟତ ବିଜେଡି ସଭାପତି ଜ୍ଞାନ ରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାକର ସେଠୀ, ନାଏବ ସରପଞ୍ଚ ଜୟନ୍ତ କୁମାର ରାଉତ, ଯୁବ ନେତା ଶିଶିର କୁମାର ନାୟକ, ଅଭିଭାବକ ଗୟାଧର ଦେହୁରୀ ଓ ମମତା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନିର୍ମାଣ ସରିଛି, କାର୍ଯ୍ୟକ୍ଷମ ହୋଇପାରୁନି

**କଟକ ସଦର, ୭।୧୨(ଡି.ଏନ.ଏ.)**

**କିଶୋରନଗର କଲେଜ ଛାତ୍ରୀ ନିବାସ**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ପ୍ରଦତ୍ତ ୫୫ ଲକ୍ଷ ଟଙ୍କା ବ୍ୟୟରେ କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର କଲେଜ ନିକଟରେ ଏକ ଛାତ୍ରୀନିବାସ ନିର୍ମାଣ କରାଯାଇଛି। ୧ ବର୍ଷ ତଳେ ଏହି ନିର୍ମାଣ ସରିଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। କାରଣ ଛାତ୍ରୀନିବାସ କୋଠାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମଧ ତାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଦେଇଥିଲେ। ଏହି ଅର୍ଥରେ ପାଚେରିର କିଛି ଅଂଶ ନିର୍ମାଣ କରାଯାଇଥିବାବେଳେ ବାକି କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଏ ସମ୍ପର୍କରେ କଲେଜ ଅଧକ୍ଷ ପ୍ରଭାକର ସାହୁଙ୍କୁ ପଚାରିବାରୁ ପାଚେରି କାମ ସରିବା ପରେ ଛାତ୍ରୀମାନଙ୍କୁ ରଖାଯିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ବ୍ୟାଙ୍କ ଘରୋଇକରଣ ବିଲ୍ ନ ଆଣିବାକୁ ଦାବି

**କଟକ ଅଫିସ, ୭।୧୨**

**ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ**

କଟକ ସହର ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କ ପକ୍ଷରୁ ବଜ୍ରକବାଟି ରୋଡସ୍ଥିତ ଫେଡେରାଲ ବ୍ୟାଙ୍କ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କ ମିଳିତ ମଞ୍ଚ ପକ୍ଷରୁ ଆସନ୍ତା ୧୬ ଓ ୧୭ ତାରିଖରେ ହେବାକୁ ଥିବା ଧର୍ମଘଟର ପ୍ରସ୍ତୁତି ପାଇଁ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଲଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନର ରାଜ୍ୟ କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଯୋଗଦେଇ କହିଥିଲେ, ବ୍ୟାଙ୍କ ଘରୋଇକରଣ ପାଇଁ କେନ୍ଦ୍ର ସରକାର ସଂସଦର ଚଳିତ ଅଧିବେଶନରେ ବିଲ୍ ଆଣିବାକୁ ଯାଉଛନ୍ତି। ଉକ୍ତ ବିଲ୍ ଦେଶ ଓ ଜନବିରୋଧୀ। ଦେଶବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ବିଲ୍ ନ ଆଣିବାକୁ ଦାବି କରାଯାଇଛି। ସରକାର ଯଦି ଏହି ବିଲ୍ ଆଣନ୍ତି ତେବେ ସମଗ୍ର ବ୍ୟାଙ୍କଶିଳ୍ପକୁ ଅଚଳ କରି ଦିଆଯିବ ବୋଲି ସେ କହିଥିଲେ। ଏହି ବିକ୍ଷୋଭରେ ଶୁଭେନ୍ଦୁ ତରାଇ, ପ୍ରକାଶ ରାୟ, କିଶୋର ଜେନା, ପ୍ରକାଶ ଚନ୍ଦ୍ର ସାହୁ, ବିଶୁଦ୍ଧ ଚକ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଜନବସତିରୁ କମ୍ପୋଷ୍ଟ ପ୍ଲାଣ୍ଟ ହଟାଯାଉ

**କଟକ ଅଫିସ,୭।୧୨**

**ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ**

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସେକ୍ଟର ୬, ୭, ୮ ଓ ୯ର ମଧ୍ୟବର୍ତ୍ତୀ ସ୍ଥଳରେ ନିର୍ମାଣ କରାଯାଇଥିବା କମ୍ପୋଷ୍ଟ ପ୍ଲାଣ୍ଟ ହଟାଇବା ପାଇଁ ମହାନଗର ନାଗରିକ ମଞ୍ଚ କର୍ମମର୍ତ୍ତା ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଉକ୍ତ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ସେଠାରେ କୁଢକୁଢ ଆବର୍ଜନା ଗଦା କରାଯିବାରୁ ପରିବେଶ ପ୍ରଦୂଷିତ ହେଉଛି। କମ୍ପୋଷ୍ଟ ସେଣ୍ଟର ନିକଟରେ ବ୍ୟାଙ୍କ ଋଣ ପରିଷଦ ଟ୍ରିବ୍ୟୁନାଲ, କେନ୍ଦ୍ର ସରକାରଙ୍କ ଶିକ୍ଷଣ ସଂସ୍ଥା, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କାର୍ଯ୍ୟାଳୟ, ଶିବଶକ୍ତି ଯୋଗ ଆଶ୍ରମ, ବିଦ୍ୟୁତ୍ ବିଭାଗ କାର୍ଯାଳୟ, ଇସ୍ପାର ମ୍ୟାନେଜମେଣ୍ଟ କଲେଜ, ଡିଏଭି ସ୍କୁଲ, ପରିବା ଓ ମାଛ ମାଂସ ମାର୍କେଟ ରହିଛି। ଉକ୍ତ ସ୍ଥାନକୁ ଯାତାୟାତ ପାଇଁ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଡ. ସତ୍ୟ ରାୟ କହିଛନ୍ତି। ଏନେଇ ମଙ୍ଗଳବାର ସିଏମ୍‌ସି ଅଫିସ ସମ୍ମୁଖରେ ମହାନଗର ନାଗରିକ ମଞ୍ଚ କର୍ମମର୍ତ୍ତା ଓ ସ୍ଥାନୀୟ ବାସିନ୍ଦା ପ୍ରତିବାଦ କରିଛନ୍ତି। ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ଖଗେଶ୍ୱର ସେଠୀ, ଇଂ. କୃଷ୍ଣ କୁମାର ଦାସବର୍ମା, ଦେବେନ୍ଦ୍ର ସୂତାର, କେଦାରନାଥ ଜାଲି, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ସିଏମ୍‌ସିର ବରିଷ୍ଠ ଅଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଖୁବ୍‌ଶୀଘ୍ର ଏହାର ସମାଧାନ ନ ହେଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



କଟକ ଶତାବ୍ଦୀ ଭବନରେ ଲାୟନ୍ସ ପର ସେବା ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ଆଲୋଚନାଚକ୍ରରେ ଅନ୍ତର୍ଜାତୀୟ ଘୋଡ଼ାନାଚ ଶିଳ୍ପୀ ପଦ୍ମଶ୍ରୀ ଉତ୍କଳ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୮ ଡିସେମ୍ବର, ୨୦୨୧



**ଶିଶୁ ସୁରକ୍ଷା, ଅଧିକାର ଅକ୍ଷୁଣ୍ଣ ପାଇଁ ଆହ୍ୱାନ**

ଡେଲାଙ୍ଗ,(ଡି.ଏନ୍.ଏ) - ରାଜ୍ୟ ଶିଶୁ ଅଧିକାର ଆୟୋଗ ପକ୍ଷରୁ ଚାଲିଥିବା ୪୦ଦିନିଆ ଶିଶୁ ଅଧିକାର ଅଭିଯାନ ରଥକୁ ମଙ୍ଗଳବାର ଡେଲାଙ୍ଗ ବ୍ଲକ ଅଞ୍ଚଳରେ ମଙ୍ଗଳବାର ପହଞ୍ଚିଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଏହାର ଅଧ୍ୟକ୍ଷତା କରିଥିଲେ। ବିଡିଓ ଦିଲୀପ ଷଡଙ୍ଗୀ, ସହକାରୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, କନିଷ୍ଠ ଯନ୍ତ୍ରୀ ଚିତ୍ରୋତ୍ପଳା ନାୟକ ପ୍ରମୁଖ ଅଭିଯାନ ରଥକୁ ସ୍ୱାଗତ କରିଥିଲେ। ଶିଶୁମାନଙ୍କ ଅଧିକାର ଅକ୍ଷୁଣ୍ଣ ରଖିବା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ରୋକିବା ଦିଗରେ ମିଳିମିଶି କାମ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀ ଆହ୍ୱାନ ଦେଇଛନ୍ତି। ମହିଳା ମିଶନ ଶକ୍ତିର ସଭାପତି ବିଦ୍ୟୁଲତା ସ୍ୱାଇଁ, ଭାରତୀ ଚମ୍ପତି, ସ୍ୱର୍ଣ୍ଣମୟୀ ଜେନା, ପ୍ରତିମା ଦାସଙ୍କ ସହିତ ଶତାଧିକ ମହିଳାମାନେ ଅଭିଯାନ ରଥକୁ ବନ୍ଦାପନା କରିଛନ୍ତି। ଆଇନ ପରିବେଶ ଅଧିକାରୀ ସନ୍ତୋଷ ସାହୁ, ଖବରଦାତା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ସ୍ତରରେ ନାହାନ୍ତି ସ୍ୱତନ୍ତ୍ର ଶିକ୍ଷକ

**ପୁରୀ ଅଫିସ, ୭।୧୨:**

ସର୍ବଶିକ୍ଷା ଅଭିଯାନ ଓ ସମଗ୍ର ଶିକ୍ଷା ଅଭିଯାନ ଅନ୍ତର୍ଗତ ବିଶେଷ ଆବଶ୍ୟକତା ଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ମଧ୍ୟ ସାଧାରଣ ବିଦ୍ୟାଳୟରେ ପାଠ ପଢ଼ିପାରିବେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଏକ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟ ଯିବାକୁ ବାଧ କରାଯାଇପାରିବ ନାହିଁ। ଏହି କ୍ରମରେ ପୁରୀ ଜିଲା ସମେତ ରାଜ୍ୟରେ ୨୦୧୭-୧୮ ମସିହା ତଥ୍ୟ ଅନୁଯାୟୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨୭ ହଜାର ୨୩୨ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୬ ହଜାର ୧୩୪ ଦିବ୍ୟାଙ୍ଗ ପାଠ ପଢୁଥିଲେ। ତେବେ ଏହି ସ୍ୱତନ୍ତ୍ର ଶିଶୁଙ୍କ ପାଇଁ ଯେଉଁ ସ୍ୱତନ୍ତ୍ର ଶିକ୍ଷାର ଆବଶ୍ୟକତା ରହିଛି, ସେ ଦିଗରେ ରାଜ୍ୟ ସରକାର ଯଥେଷ୍ଟ ପଦକ୍ଷେପ ନେଉନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ପ୍ରତି ବିଦ୍ୟାଳୟରେ ଦିବ୍ୟାଙ୍ଗ ଶିଶୁ ରହିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଜଣେ ଲେଖାଏ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷକ ନିୟୋଜିତ କରାଯାଇଛି। ସେହିଭଳି

**ଦିବ୍ୟାଙ୍ଗ ଶିଶୁଙ୍କ ଶିକ୍ଷା ପ୍ରତି ଗୁରୁତ୍ୱ ଦିଅନ୍ତୁ ସରକାର**

ପଞ୍ଚାୟତସ୍ତରରେ ନିଯୁକ୍ତ ହୋଇଥିବା ଅନ୍ତର୍ନିର୍ବେଶୀ ଶିକ୍ଷା ସ୍ୱେଚ୍ଛାସେବୀମାନେ ରିହାବିଲିଟେଶନ୍ କାଉନସିଲ୍ ଅଫ ଇଣ୍ଡିଆ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷକ ନୁହନ୍ତି। ଯେଉଁମାନେ ସ୍ୱୀକୃତିପ୍ରାପ୍ତ ଶିକ୍ଷକ, ସେମାନଙ୍କୁ ଚାକିରି ଦେବାରେ ସରକାର ବିଫଳ ହୋଇଛନ୍ତି ବୋଲି ତାଲିମପ୍ରାପ୍ତ ଶିକ୍ଷାର୍ଥୀ ବୀରବର ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ୨୦୧୮ରେ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟର ମୁଖ୍ୟ କମିଶନରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା। ଏଥିରେ ୨୫ଟି ପଏଣ୍ଟ ଉଲ୍ଲେଖ ଥିବାବେଳେ ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ କୁହାଯାଇଥିଲା। ମାତ୍ର ସରକାର ଏପର୍ଯ୍ୟନ୍ତ ଏ ଦିଗରେ ପଦକ୍ଷେପ ନେଇନାହାନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିକଟରେ ଉକ୍ତ ପ୍ରସଙ୍ଗ ଏବେ ବି ତର୍ଜମାର ବିଷୟ ହୋଇ ରହିଛି



ଓଡ଼ିଶା ସ୍ପେଶାଲ ଏଜୁକେଟର ଫେଡେରେଶନ୍ ଫର୍ ଦିବ୍ୟାଙ୍ଗ ସଂଘର ପୁରୀ ଜିଲା କର୍ମକର୍ତ୍ତାମାନଙ୍କ ତରଫରୁ ମଙ୍ଗଳବାର ସ୍ପେଶାଲ ଏଜୁକେଟର ନିଯୁକ୍ତି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି।

ବୋଲି ସ୍ଥାୟୀ ଚାକିରି ଅପେକ୍ଷାରେ ଥିବା କେତେଜଣ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷାର୍ଥୀ କହିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ, ସୁପ୍ରିମକୋର୍ଟ ଗତ ଅକ୍ଟୋବର ୧୦ ତାରିଖରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସମ୍ପର୍କିତ ମାମଲାର ଶୁଣାଣିବେଳେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବା ପାଇଁ ପଞ୍ଜାବ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମ୍‌କୋର୍ଟଙ୍କ ଏହି ରାୟକୁ ବିଚାରକୁ ନେଇ ରାଜ୍ୟ ସରକାର ଓଡ଼ିଶାରେ ସ୍ୱତନ୍ତ୍ର ଶିକ୍ଷକ ପଦବୀ ସୃଷ୍ଟି କରି ପୂରଣ କରିବା ଦରକାର। ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷାର୍ଥୀ ରୌପ୍ୟରଞ୍ଜନ ସାମନ୍ତରାୟ କହିଛନ୍ତି, ସ୍ୱତନ୍ତ୍ର ତାଲିମପ୍ରାପ୍ତ ଶିକ୍ଷାର୍ଥୀମାନେ ୨ବର୍ଷ କାଳ ପାଠ ପଢ଼ି ଡିଗ୍ରୀ ହାସଲ କରିଥିବାବେଳେ ପଞ୍ଚାୟତସ୍ତରରେ ନିଯୁକ୍ତ ଶିକ୍ଷା ସ୍ୱେଚ୍ଛାସେବୀମାନେ ୧୦ ଦିନର ତାଲିମ ନେଇ ସଂପୃକ୍ତ କାର୍ଯ୍ୟକୁ ଦକ୍ଷତାର ସହ କରିପାରିବେ ନାହିଁ। ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦକ୍ଷତା ଉପରେ ମଧ୍ୟ ପ୍ରଭାବ ପକାଉଛି। ଓଡ଼ିଶାର ଅଧିକାଂଶ ବିଦ୍ୟାଳୟରେ ଥିବା ଦିବ୍ୟାଙ୍ଗ ଶିଶୁ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ମିଶ୍ର କହିଛନ୍ତି, ପୁରୀ ଜିଲାରେ ଦିବ୍ୟାଙ୍ଗ ଶିଶୁଙ୍କୁ ସେମାନଙ୍କ ଅଧିକାର ଦେବାକୁ ହେଲେ ସରକାରଙ୍କୁ ସ୍ୱତନ୍ତ୍ର ଶିକ୍ଷକ ପଦବୀ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସରକାର ଏକ ବ୍ୟବସ୍ଥିତ ଢଙ୍ଗରେ ଏଭଳି ସ୍ୱତନ୍ତ୍ର ଶିଶୁଙ୍କୁ ଶିକ୍ଷା ପ୍ରଦାନ କରିବା ଦିଗରେ ଚିନ୍ତା କରିବା ଦରକାର। ଏହାଦ୍ୱାରା ସାମଗ୍ରିକ ଶିକ୍ଷାର ମାନ ବୃଦ୍ଧି ହେବ। ଗ୍ରାମାଞ୍ଚଳରେ ଅଭିଭାବକମାନେ ଦିବ୍ୟାଙ୍ଗ ଶିଶୁଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟକୁ ନେବା ପାଇଁ ଯଥେଷ୍ଟ ସୁବିଧା ମଧ୍ୟ ନାହିଁ। କଣାସ, ଡେଲାଙ୍ଗ ଓ ନିମାପଡ଼ା ବ୍ଲକରେ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିଲେ ମଧ୍ୟ ଅନ୍ୟ ବ୍ଲକ୍‌ରେ ନାହିଁ। ତେଣୁ ଅଭିଭାବକମାନେ ବାଧହୋଇ ସାଧାରଣ ବିଦ୍ୟାଳୟକୁ ନିଜ ପିଲାଙ୍କୁ ପଠାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ଦରକାର ବୋଲି ମିଶ୍ର ମତ ରଖିଛନ୍ତି।




୦୭।୧୨।୨୦୨୧

| | |
|---|---|
| ୨,୬୭,୮୨୫ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୮୬ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ଅମୃତ ଅନୁଭବ ପୁସ୍ତକ ଉନ୍ମୋଚନ, ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ, ପୂର୍ବାହ୍ନ ୧୦ଟା୩୦।
- ନେହେରୁ ଯୁବ କେନ୍ଦ୍ର ପୁରୀର ବିଭିନ୍ନ କାର୍ଯ୍ୟକ୍ରମ, ୟୁଥ ହଷ୍ଟେଲର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ସଂଯୁକ୍ତ କିଶାନ ମୋର୍ଚ୍ଚାର ବିକ୍ଷୋଭ, ଜିଲାପାଳ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।

## ସଂକ୍ଷେପରେ

### ବେଳାଭୂମିରୁ ମିଳିଲା ଶିଶୁ ମୃତଦେହ

ପୁରୀ ଅଫିସ,୭।୧୨- ସମୁଦ୍ରକୂଳ ଥାନା ଅନ୍ତର୍ଗତ ହୋଟେଲ ହଲିଡେ ରିସୋର୍ଟ ପଛପଟ ବେଳାଭୂମିରେ ମଙ୍ଗଳବାର ଏକ ନବଜାତ ଶିଶୁର ମୃତଦେହ ପୋଲିସ ଜବତ କରିଛି। ତେବେ ଶିଶୁଟିର ମୃତଦେହ କିପରି ବେଳାଭୂମିକୁ ଆସିଲା ଏବଂ ସେ ମୃତ ଶିଶୁଟି କାହାର ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ମଙ୍ଗଳବାର ମଧ୍ୟାହ୍ନରେ ବେଳାଭୂମିରେ ଏକ ନବଜାତ ଶିଶୁର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏ ନେଇ ସେମାନେ ପେଣ୍ଟକଟା ଫାଣ୍ଡିକୁ ଜଣାଇଥିଲେ। ପରେ ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସଦରମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### ବଟି ମାଗି ଜଣେ ଗିରଫ

ପୁରୀ ଅଫିସ,୭।୧୨- ବଳିଆପଣ୍ଡା ଅଞ୍ଚଳରେ ବଟି ଆଦାୟ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ବଳିଆପଣ୍ଡା ବସ୍ତି ଅଞ୍ଚଳର ସମୀର ସାମନ୍ତରାୟ ଓରଫ ପିଣ୍ଟୁ (୩୦)। ପୋଲିସ ଏ ନେଇ ଏକ ମାମଲା (ନଂ.୧୭୩/୨୧) ରୁଜୁ କରିଛି। ପୋଲିସ ତାଙ୍କଠାରୁ ଗୋଟିଏ ଛୁରି ଏବଂ ନଗଦ ୮ଶହ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ବଳିଆପଣ୍ଡା ଅଞ୍ଚଳରେ ପର୍ଯ୍ୟଟକ ଏବଂ ପର୍ଯ୍ୟଟକ ଆସୁଥିବା ଗାଡିକୁ ଛୁରି ଦେଖାଇ ବଟି ଆଦାୟ କରୁଥିଲେ। ବିଶେଷସୂତ୍ରରୁ ଖବର ପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତକୁ ଗିରଫ କରିଥିଲେ।

### ମାନବ ସମାଜ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ

ଡେଲାଙ୍ଗ,୭।୧୨(ଡି.ଏନ୍.ଏ.)- ପଲ୍ଲୀ ସଂସ୍କୃତି କଳାପରିଷଦ ପକ୍ଷରୁ ଡେଲାଙ୍ଗ ଅଞ୍ଚଳରେ ପରିଷଦର ସମ୍ପାଦକ ଅପର୍ତ୍ତି ମହାପାତ୍ରଙ୍କ ଦ୍ୱାରା ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡେଲାଙ୍ଗ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଚାଷୀ, ମହିଳା, ଯୁବକମାନଙ୍କୁ ମାଗଣାରେ ଚାରା ବଣ୍ଟନ କରି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଡିଓ କହିଛନ୍ତି, ମାନବ ସମାଜର ସୁରକ୍ଷା ଓ ପରିବେଶ ସୁସ୍ଥ ରହିବା ପାଇଁ ସମସ୍ତେ ଅନ୍ତତଃ ଗୋଟିଏ ଚାରା ରୋପଣ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ୫୦୦ରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରାଯାଇଥିଲା।

### ସରକାରୀ ଧାନବିହନ ଗଜା ହେଉନି

କଣାସ,୭।୧୨(ସ୍ୱ.ପ୍ର.)- କଣାସ ବ୍ଲକର ଚାଷୀମାନେ ଚାଷକରିବା ପାଇଁ ସରକାରୀ ଦୋକାନରୁ ଧାନବିହନ କିଣିଥିଲେ। ହେଲେ ସେଗୁଡ଼ିକ ଦୀର୍ଘଦିନ ରହିଥିଲେ ମଧ୍ୟ ଗଜା ହେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ସିରେଇ ପଞ୍ଚାୟତ ଏକରୁଖା ଗ୍ରାମର ପ୍ରଶାନ୍ତ ନାୟକ, ପ୍ରଶାନ୍ତ ନାୟକ, ଯୁଧିଷ୍ଠିର ପରିଡା, କଣାସରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ବିହନ ବିକ୍ରେତାଙ୍କଠାରୁ ସମ୍ରାଟ ଓ ଲାଲଟ ବିହନ କିଣିନେଇ ଗଜାକରିବା ପାଇଁ ପକାଇଥିଲେ ମଧ୍ୟ ଗଜା ନ ହେବାରୁ ବିହନ ବିକ୍ରେତାଙ୍କୁ ସେମାନେ ଜଣାଇଥିଲେ। ବିହନ ବିକ୍ରେତା କହିଥିଲେ, ଆମେ ବିହନ ନିଗମରୁ ମଞ୍ଜି ଆଣିଛୁ ଯଦି ଗଜା ନ ହେଲା ତା'ହେଲେ କୃଷି ଅଧିକାରୀଙ୍କୁ ଜଣାଅ। ଏ ନେଇ କୃଷି କାର୍ଯ୍ୟାଳୟ ଯିବାବେଳେ କୃଷି ଅଧିକାରୀ ଅନୁପସ୍ଥିତ ଥିଲେ।



ପିପିଲି କୌଶଲ୍ୟାଗଙ୍ଗସ୍ଥିତ ସିଫାରେ ଅନୁଷ୍ଠିତ କୃଷିଜୀବୀ ମହିଳା ଦିବସ ଅବସରରେ ସମ୍ମାନିତ ବ୍ୟକ୍ତିଙ୍କ ସହ ଅତିଥିଗଣ।

# ମହିଳା କୃଷି ଉଦ୍ୟୋଗୀରେ ସିଫାର ଭୂମିକା ଗୁରୁତ୍ୱ

**ପିପିଲି,୭।୧୨(ଡି.ଏନ୍.ଏ.)**

ପିପିଲି କୌଶଲ୍ୟାଗଙ୍ଗସ୍ଥିତ ସିଫା ଓ ଖୋର୍ଦ୍ଧା କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ମହିଳା କୃଷିଜୀବୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ସସ୍ମିତା ସାମନ୍ତ ଯୋଗଦେଇ ଦେଶର କୃଷି ଉତ୍ପାଦନ କ୍ଷେତ୍ରରେ ମହିଳା କୃଷିଜୀବୀଙ୍କ ଅବଦାନ ବିଷୟରେ କହିଥିଲେ। ବର୍ତ୍ତମାନ ମହିଳାମାନେ କୃଷି କାର୍ଯ୍ୟ ସହ କୃଷି ଉଦ୍ୟୋଗୀ ହେବାକୁ ମନ ବଳାଇବା ଏକ ଶୁଭ ସୂଚନା। ଏଥିପାଇଁ ସିଫାର ବିଶେଷ ଗୁରୁତ୍ୱ ରହିଛି। ଅଧ୍ୟବସାୟ, ଧୈର୍ଯ୍ୟ, ନମ୍ର ମନୋଭାବ ଓ ସମ୍ବେଦନଶୀଳ ଦ୍ୱାରା ମହିଳାମାନେ ଉତ୍ପାଦନକୁ ଦ୍ୱିଗୁଣିତ କରିବା ପାଇଁ ଉତ୍ସାହିତ କରିଥାଏ। ମହିଳା କୃଷିଜୀବୀ

**ସିଫାରେ ମହିଳା କୃଷିଜୀବୀ ଦିବସ ପାଳନ**

ଓ ଉଦ୍ୟୋଗୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସିଫାର କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଆପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ପି. କେ. ରାଉଳ ଯୋଗଦେଇ ମହିଳାମାନେ କୃଷି ଉଦ୍ୟୋଗୀ ହେବା ସମାଜ ପାଇଁ ଏକ ଉତ୍ତମ ଲକ୍ଷଣ ବୋଲି କହିଥିଲେ। ସିଫାର ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇଁ ଅତିଥି ଓ ଉପସ୍ଥିତ ମହିଳା କୃଷିଜୀବୀଙ୍କୁ ସ୍ୱାଗତ କରି କହିଥିଲେ, ମହିଳାମାନେ କିପରି ଆଗକୁ ମାଛଚାଷକୁ ଜୀବିକା ଭାବରେ ଗ୍ରହଣ କରିବେ ସେଥିପାଇଁ ସିଫା ବିଭିନ୍ନ ଜ୍ଞାନ କୌଶଳ ଯୋଗାଇଦେବା ସହ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏଥିସହ ଉପସ୍ଥିତ ମହିଳା କୃଷିଜୀବୀମାନଙ୍କୁ ରଙ୍ଗିନ ମାଛ ଗାଁ ପ୍ରକଳ୍ପ ମାଧ୍ୟମରେ ଲାଭବାନ ହେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ବୈଜ୍ଞାନିକ ଡ.କାନ୍ତା ଦାସ ମହାପାତ୍ର, ଖୋର୍ଦ୍ଧା କେଭିକେ ମୁଖ୍ୟ ବୈଜ୍ଞାନିକ ଅଜୟ ଦାଶ, ପ୍ରଧାନ ବୈଜ୍ଞାନିକ ଡ.ହିମାଂଶୁ ଦେ ଯୋଗଦେଇ ଅଗ୍ରଣୀ ମହିଳା ଚାଷୀଙ୍କ ଉଦାହରଣ ଦେଇ ସେମାନଙ୍କ ପଦାଙ୍କ ଅନୁସରଣ କଲେ ମହିଳାମାନେ ଉପକୃତ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ୮ଜଣ ଅଗ୍ରଣୀ ମହିଳା କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ୧୭୯ଜଣ ମହିଳା ଯୋଗଦେଇଥିଲେ। ଡ. ସ୍ୱାତାଶ୍ରୀ ମହାନ୍ତ ଓ ସୁକାନ୍ତି ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ହରପ୍ରିୟା ନାୟକ ଧନ୍ୟବାଦ ଦେଇଥିଲେ।

# ବ୍ୟାଙ୍କ ଘରୋଇକରଣ ଯୋଜନାକୁ ବିରୋଧ

**ପୁରୀ ଅଫିସ,୭।୧୨**

କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ଯୋଜନାକୁ ବିରୋଧ କରି ପୁରୀର ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ ପକ୍ଷରୁ ମଙ୍ଗଳବାର ପୁରୀ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବିକ୍ଷୋଭ କରାଯାଇଛି। କର୍ମଚାରୀମାନଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ର ସରକାର ସୋମବାର ଲୋକ ସଭାରେ ବ୍ୟାଙ୍କ ସୁଧାର ନାମରେ ବ୍ୟାଙ୍କଗୁଡ଼ିକୁ ଘରୋଇ କମ୍ପାନୀ ହାତରେ ଟେକି ଦେବା ପାଇଁ ଏକ ବିଲ୍ ଆଗତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦେଶର ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ଘରୋଇକରଣ କରିବା ନିମନ୍ତେ କେନ୍ଦ୍ର ସରକାର ଯୋଜନା କରୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୧୯୬୯ରେ ଉକ୍ତ ବ୍ୟାଙ୍କଗୁଡ଼ିକ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଷ୍ଟ୍ରାୟତ୍ତ ଘୋଷଣା କରାଯାଇଥିଲା। ଫଳରେ ଲକ୍ଷାଧିକ ଯୁବତୀଯୁବକ ନିଯୁକ୍ତି ପାଇଥିଲେ। ବ୍ୟାଙ୍କଗୁଡ଼ିକୁ ରାଜନୈତିକ ଭାବେ ବ୍ୟବହାର ପରେ ମଧ୍ୟ ରଷ୍ଟ୍ରୀୟ ଅର୍ଥନୀତି ପାଇଁ ବ୍ୟାଙ୍କର ଲାଭାଂଶ ଲକ୍ଷ ଲକ୍ଷ ଟଙ୍କା ଜାତୀୟ ରାଜକୋଷକୁ ଆସିଥାଏ। ଏଭଳିସ୍ଥଳେ ବ୍ୟାଙ୍କଗୁଡ଼ିକୁ ଘରୋଇକରଣ କରିବା ସରକାରଙ୍କ କି ଉଦ୍ଦେଶ୍ୟ ଅଛି ବୋଲି କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। ଏହି ବିକ୍ଷୋଭରେ ଚକ୍ରଧର ମହାପାତ୍ର, ବିପିନ ମହାରଣା, ସରୋଜ ଜେନା, ଦିଲୀପ ସିଂହ ଏବଂ ଶ୍ରମିକ ସଂଗଠନ ପକ୍ଷରୁ ଜଗନ୍ନାଥ ଦେଓ, ଗୁନା ନାୟକ, ରଣଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ଘୋଡ଼ ବସ୍ତ୍ର ପ୍ରସ୍ତୁତି ଶେଷ



**ପୁରୀ ଅଫିସ, ୭।୧୨**

ମାର୍ଗଶିର ମାସ ଶୁକ୍ଳପକ୍ଷ ଷଷ୍ଠୀ ଓଢ଼ଣ ଷଷ୍ଠୀ ବା ପ୍ରାବରଣ ଷଷ୍ଠୀଠାରୁ ମହାପ୍ରଭୁ ଶୀତ ଦାଉରୁ ନିଜକୁ ରକ୍ଷା କରିବା ପାଇଁ ଘୋଡ଼ ଲାଗି ହେବେ। ମହାପ୍ରଭୁ ଶୀତ ନିକଟରୁ ହାରି ଓଢ଼ଣ ଷଷ୍ଠୀ ଠାରୁ ଶୀତବସ୍ତ୍ର ପରିଧାନ କରିବେ। ଏଥିପାଇଁ ଶ୍ରୀମନ୍ଦିର ଦରଜୀ ସେବକ ମହାପ୍ରଭୁଙ୍କ ନିମନ୍ତେ ଶୀତବସ୍ତ୍ର ବା ଘୋଡ଼ ପ୍ରସ୍ତୁତ କରିଛନ୍ତି। ଦେଉଳ କରଣଙ୍କ ନିର୍ଦ୍ଦେଶକ୍ରମେ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ଏହି ଘୋଡ଼ (ଶୀତବସ୍ତ୍ର) ତିଆରି କରି ବୁଧବାର ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ଆସନ୍ତା ୯ ତାରିଖରେ ଶ୍ରୀମନ୍ଦିରରେ ଓଢ଼ଣ ଷଷ୍ଠୀ ନୀତି ସମ୍ପନ୍ନ ହେବ। ପ୍ରସ୍ତୁତ କରାଯାଇଥିବା ଏହି ନୂତନ ଘୋଡ଼ଗୁଡ଼ିକ ମହାପ୍ରଭୁଙ୍କ ସେବାରେ ଲାଗିବ। ଘୋଡ଼ଗୁଡ଼ିକୁ ପ୍ରସ୍ତୁତ କରିବା ନିମନ୍ତେ ୨୨ ହାତିଆ ଗଡା ସୂତା ପଟା, ପତନି ଏବଂ ଗୀତଗୋବିନ୍ଦ ପାଟ ଆବଶ୍ୟକ ଥାଏ। ଏଥିରେ ୧୬ହାତିଆ ୪ ପରିଆ କନା ୪ଟି, ୧୧ ହାତିଆ ୪ପରିଆ ୨ଟି, ୭୨ ହାତିଆ ପରିଆ କନା ଗୋଟିଏ, ୩୬ ହାତିଆ ପରିଆ କନା ୨ଟି, ଥୋଡ଼ ପାହାଡ଼ିଆ ୩ଟା, ଖଟ ପାଛୁଡ଼ି ୩ଟି ଏବଂ ଫୁଲଛେଦ ୨ଟି ଲେଖାଏଁ ପ୍ରସ୍ତୁତି ହୋଇଥାଏ। ଶ୍ରୀବିଗ୍ରହଙ୍କ ସମେତ ଅନେକ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ୍ୟ ଘୋଡ଼ ପ୍ରସ୍ତୁତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ ଠାକୁର ବଳଭଦ୍ର, ମା' ସୁଭଦ୍ରାଙ୍କ ନିମନ୍ତେ ଗୀତଗୋବିନ୍ଦ ପାଟରେ ଘୋଡ଼ ପ୍ରସ୍ତୁତ କରାଯାଇଥାଏ। ସେହିପରି ସୂର୍ଯ୍ୟ, ଗରୁଡ଼, ମନ୍ଦିର ଭିତର ନୃସିଂହ, ଗୁଣ୍ଡିଚା ମନ୍ଦିର ପାଖ ନୃସିଂହ ଏବଂ କାକୁଡ଼ିଖାଇଙ୍କ ନିମନ୍ତେ ମଧ୍ୟ ଘୋଡ଼ ପ୍ରସ୍ତୁତ କରାଯାଇଛି।

# ଜିଲା ଅଧିବକ୍ତା ସଂଘ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

**ପୁରୀ ଅଫିସ, ୭।୧୨**

କଞ୍ଚା ଲଙ୍କା ନାମକ ପ୍ରଡକ୍ସନ ହାଉସ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ତରଫରୁ ମଙ୍ଗଳବାର ଏସ୍‌ପି କନୱର ବିଶାଲ ସିଂହଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଯୁବ ଅଧିବକ୍ତା ସଂଘର ଅଭିଯୋଗ ଯେ, ଉକ୍ତ ପ୍ରଡକ୍ସନ ହାଉସର ଏକ ୱେବ ସିରିଜରେ ଗ୍ୟାଙ୍ଗସ୍ ଅଫ ପୁରୀ ନାମରେ ଏକ ପୋଷ୍ଟର ଏବେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଶ୍ରୀମନ୍ଦିର ଉପରେ ଖଣ୍ଡା ଝୁଲୁଥିବାର ଦୃଶ୍ୟ ଦେଖାଯାଇଛି। ଏପରି ଦୃଶ୍ୟ ପୁରୀ ସହରବାସୀ ତଥା ବହୁ ଶ୍ରୀଜଗନ୍ନାଥ ଭକ୍ତଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି। ଉକ୍ତ ଗ୍ୟାଙ୍ଗସ୍ ଅଫ ପୁରୀ ନାମକ ୱେବ ସିରିଜ ପୁରୀ ସହରର ଯୁବକ ତଥା ଛାତ୍ରମାନଙ୍କୁ ଆପରାଧିକ କାର୍ଯ୍ୟକଳାପ ପାଇଁ ପ୍ରବର୍ତ୍ତାଉଛି। ତେଣୁ ଉକ୍ତ ୱେବସିରିଜକୁ ସଂଘ ବିରୋଧ କରିବା ସହ ଏହାର ତଦନ୍ତ କରି ଏହି ପ୍ରଡକ୍ସନ ହାଉସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ଏସ୍‌ପି ସିଂ ଦାବିପତ୍ର ଗ୍ରହଣ କରି ଯଥାଶୀଘ୍ର ଉକ୍ତ ୱେବ ସିରିଜ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୁରୀ ସହରରେ ଶାନ୍ତି ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ସର୍ବଦା ତତ୍ପର ରହିଛି ବୋଲି ପ୍ରତିଶ୍ରୁତି ଦେଇଥିବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଆବାହକ ଅନିଲ ସାହୁ, ସଭାପତି ବିଶ୍ୱଜିତ ପ୍ରଧାନ, ସୁଭାଶିଷ ମହାନ୍ତି, କର୍ଣ୍ଣବୀର ମହାପାତ୍ର, ଭାଗବତ ପଟ୍ଟନାୟକ, ଦେବଦତ୍ତ ପଟ୍ଟନାୟକ, ଦେବାଶିଷ ଦାଶ, ପ୍ରଶାନ୍ତ ରଣା, ସୁରେଶ ମହାପାତ୍ର, ଭବାନୀ ଶଙ୍କର ସାହୁ ଏବଂ ଦେବେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଉଜୁଡ଼ା ଫସଲ ତଦାରଖ କଲେ ବିଧାୟକ

**କଣାସ,୭।୧୨(ସ୍ୱ.ପ୍ର.)**

କଣାସ ବ୍ଲକର ୨୮ଟି ପଞ୍ଚାୟତର ଧାନ, ପରିବା ଓ ଚିନାବାଦାମ ଫସଲ ଉପରେ ବର୍ଷାପାଣି ବୁଡି ରହିବା ଯୋଗୁ ଧାନଗଛ ସବୁ ନଷ୍ଟ ହୋଇଗଲା। ବିଶେଷକରି ଧାନଚାଷକୁ ଅଧିକ ମାତ୍ରାରେ କ୍ଷତି ପହଞ୍ଚାଇଛି। ମଙ୍ଗଳବାର ବିଧାୟକ ଉମାକାନ୍ତ ସାମନ୍ତରାୟ ଗଡସାନପୁଟ ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷଜମି ପରିଦର୍ଶନ କରି କ୍ଷତିକୁ ନେଇ ତଦାରଖ କରିଥିଲେ। ଏପରିକି କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ବ୍ଲକର ପ୍ରାୟ ୧ହଜାର ୭ଶହ ହେକ୍ଟର ଜମିରେ ବର୍ଷାପାଣି ଜମିଥିବା ବେଳେ ହଜାରେ ହେକ୍ଟର ଧାନଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାସହିତ ରବି ଫସଲ ଓ ଚିନାବାଦାମ ଫସଲ ବି ପରିଶଢ଼ି ଯାଇଛି। ଅଁଳାଯୋଡି ଓ ତିରିମଲ୍ଲ ନାଳ ପୋତି



ହୋଇଯାଇଥିବାରୁ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ସେହିନାଳ ୨ଟିକୁ ଖନନ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ତାହା ଖୁବଶୀଘ୍ର ଖନନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ତହସିଲଦାର ଲକ୍ଷ୍ମୀଧର ମହାରଣା, କୃଷି ବିଭାଗର ଅଧିକାରୀଗଣ, ଆତ୍ମାର ଅଧ୍ୟକ୍ଷ ସଞ୍ଜୟ ଭୋଲ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ହଜାର ହେକ୍ଟର ଧାନଫସଲ ନଷ୍ଟ

**ନିମାପଡ଼ା,୭।୧୨(ଡି.ଏନ୍.ଏ.)**

ବାତ୍ୟାଜନିତ ଲଗାଣ ବର୍ଷାରେ ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତ ଓ ଏନ୍‌ଏସିର ୧୧ଟି ୱାର୍ଡରେ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ପ୍ରବଳ ବର୍ଷା ଯୋଗୁ ଧାନବିଲରେ ଆଣ୍ଠୁଏ ଲେଖାଏ ବର୍ଷାପାଣି ଜମିବା ଯୋଗୁ ପାଚିଲା ଧାନ ଫସଲ ପାଣିରେ ବୁଡ଼ିଯାଇଛି। ଏହି ବର୍ଷା ଓ ବାତ୍ୟା ପ୍ରଭାବରେ ବ୍ଲକର ପ୍ରାୟ ୧୯ହଜାର ହେକ୍ଟର ଜମିରେ ଧାନଫସଲ ଓ ଶତାଧିକ ହେକ୍ଟର ଜମିରେ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇପଡ଼ିଛି। ଫଳରେ ପ୍ରାୟ ୨୦ହଜାର ଚାଷୀ ଚିନ୍ତାରେ ଅଛନ୍ତି। ବର୍ଷା ସବୁ ଧୋଇ ନେଇଯାଇଥିବାରୁ ଏବେ ପରିବାର କିଭଳି ଚଳାଇବୁ ବୋଲି ଚାଷୀ ଫକୀର ପରିଡ଼ା, ଅଶୋକ ବରାଳ, ରାମଚନ୍ଦ୍ର ପ୍ରଧାନ, ଭାସ୍କର ସ୍ୱାଇଁ, ଗଗନ ଜେନା, ପବିତ୍ର ବରାଳ, ନୃସିଂହ ଜେନା ପ୍ରମୁଖ କହିଛନ୍ତି। ଚଳିତ ଖରିଫ ଋତୁରେ ନିମାପଡ଼ା ବ୍ଲକରେ ୧୯,୫୦୦ହେକ୍ଟର



ଜମିରେ ଧାନଚାଷ ଓ ପ୍ରାୟ ୫ଶହ ହେକ୍ଟର ଜମିରେ ଅଣଧାନ ଓ ପନିପରିବା ଚାଷ ହୋଇଥିବା ନିମାପଡ଼ା କୃଷି ଜିଲା ଅଧିକାରୀ ଶରତଚନ୍ଦ୍ର ପରିଡ଼ା, ସହକାରୀ କୃଷି ଅଧିକାରୀ ସୁବାସଚନ୍ଦ୍ର ବାରିକ କହିଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବ୍ଲକରେ ୧୦,୫୦୦ ହେକ୍ଟର ଜମିରେ ଧାନଫସଲ ହାନି ଘଟିଥିବା ସରକାରୀ ଭାବେ କୃଷି ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ ଶତକଡ଼ା ୯୦ଭାଗ ଜମିରେ ପ୍ରାୟ ୧୯ହଜାର ହେକ୍ଟର ଜମିରେ ଧାନଫସଲ ଉଜୁଡ଼ିଯାଇଥିବା ବେସରକାରୀ ଭାବେ ଜଣାପଡ଼ିଛି। ଗତ ୨ଦିନ ଧରି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବ୍ଲକର ଚାଷ କ୍ଷତିଗ୍ରସ୍ତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଚାଷୀଙ୍କ କ୍ଷତିରେ ଦୁଃଖ ପ୍ରକାଶ କରିଛନ୍ତି। ୭ଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଉଥିବା ମନ୍ତ୍ରୀ ଦାଶ କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷତିପୂରଣ ଯୋଗାଇ ଦିଆଯିବାକୁ ନିମାପଡ଼ାର ହଜାରରୁ ଊର୍ଦ୍ଧ୍ୱ ଚାଷୀ ମୁଖ୍ୟମନ୍ତ୍ରୀ, କୃଷି ମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି।

### ଶ୍ରୀମନ୍ଦିର ଚାରିପାଖରେ ବୁଲିଲେ ଚିଲ



**ପୁରୀ ଅଫିସ,୭।୧୨**

ଶ୍ରୀମନ୍ଦିର ନୀଳଚକ୍ର ଚାରିପଟେ ମଙ୍ଗଳବାର ଅପରାହ୍ନରେ ଅଚାନକ ଅନେକ ସଂଖ୍ୟାରେ ଚିଲ ବୁଲୁଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ପୁରୀବାସୀ ଆଶଙ୍କା ମଧ୍ୟରେ ରହିଛନ୍ତି। ମୁଖ୍ୟତଃ ଚିଲକୁ ଏକ ଅଶୁଭ ପକ୍ଷୀ ଭାବେ ବିବେଚନା କରାଯାଇଥାଏ। ଏହି ପକ୍ଷୀ ପ୍ରାୟ ଜନଗହଳି ଅଞ୍ଚଳରେ ସେତେ ଦୃଷ୍ଟିଗୋଚର ହୋଇ ନ ଥାନ୍ତି। ତେବେ ଅଚାନକ ଏଭଳି ଶ୍ରୀମନ୍ଦିର ଏବଂ ନୀଳଚକ୍ର ଚାରିପାଖରେ ଶତାଧିକ ଚିଲ ଘୁରି ବୁଲିବାକୁ ନେଇ ବିଭିନ୍ନ ମତ ଦେଖିବାକୁ ମିଳିଛି । ଗତ ୩ ଦିନ ତଳେ ବାତ୍ୟା ଜୱାଦ ପୁରୀ ଉପକୂଳ ଅତିକ୍ରମ କରିଥିବା ବେଳେ ଆଗକୁ ପୁରୀ ତଥା ରାଜ୍ୟ କିମ୍ବା ବିଶ୍ୱକୁ କିଛି ବଡ଼ ବିପତ୍ତି ଆସିବ ବୋଲି ଚର୍ଚ୍ଚା ହେଉଛି। ଆଗରୁ କେବେ ମଧ୍ୟ ଏପରି ଏତେ ସଂଖ୍ୟାରେ ଚିଲ ଶ୍ରୀମନ୍ଦିର ଏବଂ ନୀଳଚକ୍ର ଚାରିପାଖରେ ଘୂରି ବୁଲିବା ଦେଖାଯାଇ ନାହିଁ। ସେହିପରି ବାତ୍ୟା ପୁରୀ ଉପକୂଳ ଅତିକ୍ରମ କରିବା ପରେ ଶ୍ରୀକ୍ଷେତ୍ରର ଆକାଶ ହଠାତ ପୀତ ଲୋହିତ ରଙ୍ଗଧାରଣ କରିଥିଲା। ତେବେ ଗୋଟିଏ ସପ୍ତାହ ମଧ୍ୟରେ ଦୁଇଟି ଏପରି ଘଟଣା ଆଗାମୀ ଭବିଷ୍ୟତରେ କିଛି ଅଶୁଭ ଘଟିବାକୁ ଯାଉଛି ଯାହା ପୂର୍ବରୁ ଏପରି ଅଶୁଭ ସଙ୍କେତ ଦେଖା ଦେଇଥିବା ପୁରୀବାସୀଙ୍କ ମନରେ ଭୟ ପ୍ରକାଶ ପାଇଛି।

### ବିଭିନ୍ନ ଦାବି ନେଇ ଅବସରପ୍ରାପ୍ତ ଶିକ୍ଷକ ସଂଘର ଦାବିପତ୍ର

**ପୁରୀ ଅଫିସ,୭।୧୨**

ସର୍ବଭାରତୀୟ ପେନ୍‌ସନ୍ ଭୋଗୀ ଫେଡେରେଶନ ଦିଲ୍ଲୀର ନିଷ୍ପତ୍ତିକ୍ରମେ ଦେଶରେ ସମସ୍ତ ଜିଲାପାଳଙ୍କ ଜରିଆରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ପରିପେକ୍ଷୀରେ ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ୧୩ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୩ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ କରିବା, ୧।୧। ୨୦୨୦ ରୁ ୩୦।୬।୨୧ ପର୍ଯ୍ୟନ୍ତ ବକେୟା ମହଙ୍ଗା ଭତ୍ତା ପ୍ରଦାନ, ଅତିରିକ୍ତ ପେନ୍‌ସନ ପ୍ରଦାନରେ ବୟସ ସୀମା ୮୦ ବର୍ଷ ପରିବର୍ତ୍ତେ ୬୫ ବର୍ଷରୁ ଦେବା, ଚିକିତ୍ସା ଭତ୍ତା ମାସିକ ୧ ହଜାର ଟଙ୍କା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପରି ରାଜ୍ୟର ପେନସନ ଭୋଗୀଙ୍କୁ ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଗୋଟିଏ ର୍‍ୟାଙ୍କ ଗୋଟିଏ ପେନସନ, ପେନସନ ଭୋଗୀଙ୍କୁ ଆୟକର ଛାଡ ଆଦି ବିଭିନ୍ନ ଦାବି ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଚନ୍ଦ୍ରଶେଖର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ବ୍ରହ୍ମାନନ୍ଦ ଦାସ, ଗଣେଶ୍ୱର ମହାପାତ୍ର, ଦାଶରଥି ମହାପାତ୍ର ଏବଂ ବିଜୟ ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଗାଁ ସାଥୀଙ୍କୁ ଠିକ୍ ସୂଚନା, ପ୍ରାପ୍ୟ ଦାବି

**ଡେଲାଙ୍ଗ,୭।୧୨(ଡି.ଏନ୍.ଏ.)**

ମୋବାଇଲ ଆପ୍ ମାଧ୍ୟମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ପାଇଁ ଗାଁ ସାଥୀଙ୍କ ପ୍ରଶିକ୍ଷଣ ଶିବିର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ପ୍ରକଳ୍ପ ଅଧିକାରୀ ଅୟସକାନ୍ତ ଭୋଇ ଓ କାର୍ଯ୍ୟକ୍ରମ ସଂଯୋଜକ ସୌଭାଗ୍ୟ ବିଶ୍ୱାଳ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗାଁ ସାଥୀମାନେ କିପରି ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସାମିଲ ହେବେ ଓ ମୋବାଇଲ ଆପ୍ ମାଧ୍ୟମରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କିପରି କାମ କରିବେ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସାଥୀମାନଙ୍କୁ ଜିଆର୍‌ଏସ୍‌ମାନେ ଠିକ ସୂଚନା ଦେଉନାହାନ୍ତି, ଅନେକ କାମରେ ଗାଁ ସାଥୀମାନେ ତାଙ୍କର ପ୍ରାପ୍ୟରୁ ବଞ୍ଚିତ ରହୁଛନ୍ତି ବୋଲି ଅଭିଯୋଗ କରିଥିଲେ। କେଉଁ କାମରେ ନିୟୋଜିତ କରାଯିବ ଓ କେଉଁ କାମରେ ପ୍ରାପ୍ୟ ପାଇବେ ସେନେଇ ଗାଁସାଥୀଙ୍କୁ ଠିକ ସୂଚନା ଦିଆଯାଉ ବୋଲି ଦାବି ହୋଇଛି। କିଶୋର ପ୍ରଧାନ, ଦେବୀ ପ୍ରସାଦ ବଇରିଗଞ୍ଜନ, ପ୍ରକାଶ ସାହୁ, ରୋଜି ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୋଲିସ ଏସ୍‌ଆଇ ଡେଙ୍ଗୁରେ ସଂକ୍ରମିତ

**ବାଲିଅନ୍ତା,୭।୧୨(ଡି.ଏନ୍‌.ଏ.):** ବାଲିଅନ୍ତା ଥାନାରେ କାର୍ଯ୍ୟରତ ଜଣେ ସବଇନ୍ସପେକ୍ଟର(ଏସ୍‌ଆଇ) ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ୨ଦିନ ତଳେ ତାଙ୍କ ଦେହ ହାତ ବିନ୍ଧା ହେବା ସହ ହାଲିଆ ଲାଗିବାରୁ ସେ ଭୁବନେଶ୍ୱରରେ ରକ୍ତ ପରୀକ୍ଷା କରିଥିଲେ। ତାଙ୍କ ରକ୍ତ ପରୀକ୍ଷା ରିପୋର୍ଟରେ ଡେଙ୍ଗୁ ବାହାରିଥିଲା। ସେ ବର୍ତ୍ତମାନ ଥାନା ନିକଟ ନିଜ ରୁମରେ ରହି ଚିକିତ୍ସାଧୀନ ହେଉଛନ୍ତି। ଏହାପୂର୍ବରୁ ଥାନାର ଜଣେ ପୂର୍ବତନ ଆଇଆଇସି ଓ ଅନ୍ୟ ଜଣେ କର୍ମଚାରୀ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ।

### ବିଦ୍ୟାଳୟ ରୂପାନ୍ତରଣ ପ୍ରସ୍ତୁତି ବୈଠକ

**ବେଗୁନିଆ,୭।୧୨(ଡି.ଏନ୍‌.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ସରକାରୀ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟର ସଭାଗୃହ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପଟ୍ଟନାୟକ, ଆଲୁମ୍ନି ସଭାପତି ଶିବ ନାରାୟଣ ମିଶ୍ର, ସମ୍ପାଦକ ଉପେନ୍ଦ୍ର କୁମାର ଦାଶ, ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଂଶୀଧର ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଏବଂ କମିଟିର ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରଣ (ସ୍ମାର୍ଟ ସ୍କୁଲ) କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ରୂପାନ୍ତରଣ ପ୍ରକଳ୍ପ କାର୍ଯ୍ୟକାରିତା ଓ ବିଭିନ୍ନ ଉଦ୍ଦେଶ୍ୟ ସମ୍ପର୍କରେ ବିଡିଓ ସାହୁ ଅବଗତ କରାଇଥିଲେ। ସରକାରଙ୍କ ଆଭିମୁଖ୍ୟ ସହିତ ସମସ୍ତଙ୍କ ସହଯୋଗ ରହିଲେ ବିଦ୍ୟାଳୟର ସୌନ୍ଦର୍ଯ୍ୟ ଓ ପାରିପାର୍ଶ୍ୱିକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ ବୋଲି ସାହୁ କହିଥିଲେ। ଏଥିସହ ବିଦ୍ୟାଳୟ ପକ୍ଷରୁ ଧନ୍ୟବାଦ ଦେଇଥିଲେ।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ବେଗୁନିଆ,୭।୧୨(ଡି.ଏନ୍‌.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମସ୍ଥିତ ସହଜ ଜନସେବା କେନ୍ଦ୍ର ପରିସରରେ ମଙ୍ଗଳବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋହନ ଆଇ କେୟାର ଚାରିଟେବୁଲ ଟ୍ରଷ୍ଟ ଏବଂ ଡିଜିଟାଲ ମାୟା ଜନସେବା କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ୧୨୦ଜଣ ଚକ୍ଷୁ ରୋଗୀ ପଞ୍ଜୀକରଣ କରିଥିଲେ। ୨୫ଜଣ ରୋଗୀଙ୍କ ଚକ୍ଷୁରେ ମୋତିଆବିନ୍ଦୁ ଥିବା ଚିହ୍ନଟ କରାଯାଇଛି। ଅନ୍ୟ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇଦେବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଚିହ୍ନଟ ରୋଗୀଙ୍କୁ ଆଇ କେୟାର ସେଣ୍ଟର ବାଙ୍କୀଠାରେ ଚିକିତ୍ସା କରାଯିବ। ଡା. ଶ୍ରୀକାନ୍ତ ଦାଶ, ଷ୍ଟାଫ ନର୍ସ ପୁଷ୍ପାଞ୍ଜଳି ଜେନା ରୋଗୀଙ୍କୁ ଚିକିତ୍ସା କରିଥିଲେ। ସାମାଜିକ କର୍ମୀ ଚନ୍ଦ୍ରମଣି ନାହାକ, ଜନସେବା କେନ୍ଦ୍ରର ପରିଚାଳକ ସମୀର ରଞ୍ଜନ ସୁନ୍ଦରାୟ, ମନୋରଞ୍ଜନ ମହାପାତ୍ର, ଅନିରୁଦ୍ଧ ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଶିଶୁପାଳଗଡ଼ର ଅବକ୍ଷୟ ନେଇ ଦାବିପତ୍ର

**ପୁରୁଣା ଭୁବନେଶ୍ୱର,୭।୧୨(ଡି.ଏନ୍‌.ଏ.):** ଶିଶୁପାଳଗଡ଼ ଅଞ୍ଚଳର ଅନେକ ଜମି ଏବେ ମାଫିଆଙ୍କ କବ୍‌ଜାରେ ରହିଛି। କୌଣସି ଆଇନ କିମ୍ବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ(ଏଏସ୍‌ଆଇ)ର କଟକଣାକୁ ଭୃକ୍ଷେପ ନ କରି ଐତିହ୍ୟସ୍ଥଳୀଗୁଡ଼ିକର ଜମିଗୁଡ଼ିକୁ ଚଞ୍ଚକତା ପୂର୍ବକ ରେକର୍ଡ ପରିବର୍ତ୍ତନ କରାଇ କିଣାବିକା କରୁଛନ୍ତି। ସେଠାରେ ଗୃହ ନିର୍ମାଣ କରି ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଏହି ଐତିହ୍ୟସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଐତିହ୍ୟସ୍ଥଳୀର କ୍ଷତି ଘଟାଉଥିବା ଜମି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ମଙ୍ଗଳବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏଏସ୍‌ଆଇ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ, ସଦସ୍ୟ ସରୋଜ ମିଶ୍ର, ଗୋପୀନାଥ ପ୍ରଧାନ, ମାନସ ରଞ୍ଜନ ପତି, ସୌମ୍ୟରଞ୍ଜନ ପଣ୍ଡା, ବିଜୟ ଭଟ୍ଟାଚାର୍ଯ୍ୟ, ରାଜେଶ ମିଶ୍ର, ଦିଲୀପ ସୁବୁଦ୍ଧି, ସଞ୍ଜୁଲତା ପଟ୍ଟନାୟକ, ବିନୋଦିନୀ ସେନାପତି, ମାନସୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଉପଜିଲାପାଳ, ତହସିଲଦାରଙ୍କ କାର୍ଯ୍ୟକୁ ବିରୋଧ

**ଖୋର୍ଦ୍ଧା ଅଫିସ,୭।୧୨**


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜିଲା ଓକିଲ ସଂଘର କର୍ମକର୍ତ୍ତାମାନେ ପ୍ରତିବାଦ କରୁଛନ୍ତି।

**ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଓକିଲ ସଂଘ**

ଖୋର୍ଦ୍ଧା ଉପଜିଲାପାଳ ଆଇ. ଗୌରବ ଶିବାଜୀ ଏବଂ ତହସିଲଦାର ଈପ୍ସିତ ସାହୁଙ୍କ ମନମୁଖି କାର୍ଯ୍ୟ ଓ ଲୋକଙ୍କ ପ୍ରତି ଦୁର୍ବ୍ୟବହାର ପ୍ରତିବାଦରେ ମଙ୍ଗଳବାର ଜିଲା ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଘ ସଭାପତି ଅଜିତ୍ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଟିମ୍ ଜିଲାପାଳଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ଲାଗି ଦାବି କରିଛନ୍ତି।

ଏହି ଦୁଇ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଅଭିଯୋଗକାରୀ କିମ୍ବା ଓକିଲଙ୍କ ପ୍ରତି ମଧ୍ୟ ଭଲ ବ୍ୟବହାର କରାଯାଉନାହିଁ। ବିଶେଷତଃ ଧାରା ୧୪୪, ୧୩୩, ୧୦୭ ଏବଂ ୧୪୫ରେ କୌଣସି ମକଦ୍ଦମାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରୁ ନାହିଁ ବୋଲି ସଂଘ ସଭାପତି ପଟ୍ଟନାୟକ କହିଛନ୍ତି। ୭ଦିନ ମଧ୍ୟରେ ଏହାର ସମାଧାନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ତହସିଲ କାର୍ଯ୍ୟାଳୟରେ ମ୍ୟୁଟେସନ କେଶ ଫଇସଲା ଲାଗି ଲୋକଙ୍କଠାରୁ କର୍ମଚାରୀମାନେ ଲାଞ୍ଚ ଦାବି କରୁଛନ୍ତି। ଜମିଜମା ପଟ୍ଟା ଦୀର୍ଘ ମାସ ଧରି ଦିଆଯାଉନାହିଁ। ଚାଷଜମିରୁ ଘରବାରି କିସମ ପରିବର୍ତ୍ତନ ପାଇଁ ମଧ୍ୟ ଲାଞ୍ଚ ମାଗୁଛନ୍ତି। ମ୍ୟୁଟେସନ କେଶ ବାବଦରେ ଟଙ୍କା ନ ଦେଲେ ବିଭିନ୍ନ ଯୁକ୍ତି ବାଢ଼ି ଡ୍ରପ କରାଯାଉଛି। ଉତ୍ତରାଧିକାରୀ ପ୍ରମାଣପତ୍ର (ଲିଗାଲ ହେୟାର) ଦେବା ପାଇଁ ମାସ ମାସ ଗଡ଼ାଯାଉଛି। ଏଠାରେ ଲାଞ୍ଚ ନ ଦେଲେ ଫାଇଲ ଘୁଞ୍ଚୁ ନ ଥିବା କେତେଜଣ ଓକିଲ କହିଛନ୍ତି। ବିଭିନ୍ନ ସର୍କଲ ଆରଆଇ ଜମିଜମା କାର୍ଯ୍ୟ, ଜାତିଗତ ପ୍ରମାଣପତ୍ର ପାଇଁ ଲାଞ୍ଚ ନ ଦେଲେ ମଧ୍ୟ ସହଯୋଗ କରୁନାହାନ୍ତି। ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଉଛନ୍ତି। ଫଳରେ ଲୋକେ ହଇରାଣ ହେଉଛନ୍ତି। ସେହିପରି ଉପଜିଲାପାଳ କାର୍ଯ୍ୟରେ ଯୋଗଦେବା ଦିନଠାରୁ ଉପଜିଲାପାଳଙ୍କ କୋର୍ଟ ବନ୍ଦ ରହିଛି। ଅଭିଯୋଗ ଶୁଣାଣି କରାଯାଉନାହିଁ। ଏଠାରେ ୫–ଟି ମୋ ସରକାର ପ୍ରହସନ ପାଲଟିଛି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ଲୋତକବିନ୍ଦୁ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ସଦସ୍ୟା ଗଜଲକ୍ଷ୍ମୀ ଷଡ଼ଙ୍ଗୀ, ମନୀରା ବେଗମ୍, ନୃସିଂହ ନାଥ ମିଶ୍ର, ଶିଶିର କୁମାର ପରିଡ଼ା, ବିଚିତ୍ର ବଡ଼ଜେନା, ହର୍ଷ କୁମାର ପଟ୍ଟନାୟକ, ସନତ ପଟ୍ଟନାୟକ, ବିଜୟ ପାତ୍ର, ବିଜୟ କୁମାର ମହାନ୍ତିଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ଆଇନଜୀବୀଙ୍କ ସହ ଏନେଇ ଆଲୋଚନା କରାଯାଇଛି। ଉପଜିଲାପାଳ ଓ ତହସିଲଦାରଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ଲୋକଙ୍କୁ ଠିକ୍ ସେବା ଦେବା ପାଇଁ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଉପଜିଲାପାଳ ଶିବାଜୀ ଏବଂ ତହସିଲଦାର ସାହୁଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରା ଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।

## କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ତଣ୍ଡ ଗଣିଲେ

**ବାଲିପାଟଣା,୭।୧୨(ଡି.ଏନ୍‌.ଏ.)**

ବାଲିପାଟଣା ତହସିଲ ଅନ୍ତର୍ଗତ ମୁକୁନ୍ଦଦାସପୁର ନଦୀପଠାରୁ ବାଲି ଉଠାଇବା ଲାଗି କୋର୍ଟଙ୍କ ପକ୍ଷରୁ ବାରଣ କରାଯିବା ସହ ଉକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା। ତେବେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ନଦୀପଠାରୁ ବାଲି ଉଠାଯାଉଥିବା ନେଇ ଅଭିଯୋଗ ହେଉଥିଲା। ସ୍ଥାନୀୟ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଓ ବାଲିପାଟଣା ଆଇଆଇସି କୃପାସିନ୍ଧୁ ବରାଡ଼ ଏକ ଟିମ୍ ସହ ସୋମବାର ଚଢ଼ାଉ କରି ୪ ଜେସିବି ଓ ଗୋଟିଏ ହାଇୱାକୁ ଜବତ କରିଥିଲେ। ୪ ଜେସିବିକୁ ଥାନାରେ ଅଟକ ରଖାଯାଇଥିବା ବେଳେ ହାଇୱା ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଗାଡ଼ିକୁ ଛାଡ଼ିଦିଆଯାଇଛି।

## ଶାନ୍ତନୁ ପାଣି, ନୃସିଂହ ହୋତା ଓ ନମିତା ପଣ୍ଡାଙ୍କୁ ମିଳିବ 'ଗୁରୁ ପ୍ରଣାମ ସମ୍ମାନ'

**ଭୁବନେଶ୍ୱର, ୭।୧୨ (ବ୍ୟୁରୋ)**

ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟ ସମାଜର ସହଯୋଗୀ ଅନୁଷ୍ଠାନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଆସନ୍ତା ବର୍ଷ ପାଇଁ 'ଗୁରୁ ପ୍ରଣାମ ସମ୍ମାନ' ଘୋଷଣା କରାଯାଇଛି। ବିଶିଷ୍ଟ ଶିକ୍ଷା ସଙ୍ଗଠକ ତଥା ଶିକ୍ଷାବିତ୍ ରୋଟାରିଆନ ଶାନ୍ତନୁ କୁମାର ପାଣି, ବିଶିଷ୍ଟ ପାଲାଚାର୍ଯ୍ୟ ନୃସିଂହ ଚରଣ ହୋତା ଏବଂ କବି ନମିତା କୁମାରୀ ପଣ୍ଡାଙ୍କୁ ଶିକ୍ଷା, ସାହିତ୍ୟ, ଭାଷା ଓ ସଂସ୍କୃତି କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ 'ଗୁରୁ ପ୍ରଣାମ ସମ୍ମାନ' ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ଅଧକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି। ଆସନ୍ତା ଜାନୁଆରୀ ୬ତାରିଖରେ ବୁଦ୍ଧମନ୍ଦିରଠାରେ ଆୟୋଜନ ହେବାକୁ ଥିବା ମହୋତ୍ସବରେ ଏହି ସମ୍ମାନ ଦିଆଯିବ। ଡ. ବିମଳେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟି ଏହି ନାମଗୁଡ଼ିକ ସୁପାରିସ କରିଥିଲେ। କମିଟିରେ ପ୍ରଦ୍ୟୁମ୍ନ ଶତପଥି, ଡ. ବୁଦ୍ଧଦେବ ମିଶ୍ର, ଡ. ସୌରେନ୍ଦ୍ର ମହାପାତ୍ର ଓ ସୀତାବଲ୍ଲଭ ମହାପାତ୍ର ସଦସ୍ୟ ଥିଲେ। ଦୀର୍ଘ ୨୨ବର୍ଷ ଧରି ଏହି ସମ୍ମାନ ପ୍ରଦାନ କରାଯାଉଛି।

# ସ୍ୱାଭାବିକ ହେଲା ଚିଲିକାରେ ମାଛଧରା


କଟକଣା କୋହଳ ହେବା ପରେ ମତ୍ସ୍ୟଜୀବୀମାନେ ଚିଲିକାକୁ ମାଛ ଧରିବାକୁ ଯାଉଛନ୍ତି।

**ବାଲୁଗାଁ,୭।୧୨(ଡି.ଏନ୍‌.ଏ.)**

ବାତ୍ୟା 'ଜୱାଦ' ଉପକୂଳ ଓଡ଼ିଶା ଛୁଇଁବା ଆଶଙ୍କାରେ ଜିଲା ପ୍ରଶାସନ ପକ୍ଷରୁ ଗତ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଚିଲିକାରେ ମାଛଧରା ଓ ଯାତ୍ରୀ ପରିବହନ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଇତିମଧ୍ୟରେ ବାତ୍ୟା ଟଳି ଯାଇଥିବା ବେଳେ ଏହାର ପ୍ରଭାବରେ ଲଗାଣ ବର୍ଷା ଯୋଗୁ ବ୍ୟାପକ ଧାନ ଓ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପକ୍ଷରେ ତିନି ଦିନ ଧରି ଚିଲିକାରୁ ମାଛ ମାରି ନ ପାରି ମତ୍ସ୍ୟଜୀବୀମାନେ ପରିବାର ପ୍ରତିପୋଷଣରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିସହ ଯାତ୍ରୀ ପରିବହନ ନିମନ୍ତେ ଚିଲିକା ଉପରେ ନିର୍ଭର କରୁଥିବା ଡଙ୍ଗା ମାଲିକମାନେ ମଧ୍ୟ ବ୍ୟବସାୟରୁ ବଞ୍ଚିତ ହୋଇଥିଲେ। ସୋମବାରଠାରୁ ଚିଲିକାରେ ମାଛଧରା ଓ ଯାତ୍ରୀ ପରିବହନ ସ୍ୱାଭାବିକ ହୋଇଛି। ତେବେ ଚାହିଦା ମୁତାବକ ଚିଲିକାରୁ ମତ୍ସ୍ୟ ଉତ୍ପାଦନ ହୋଇପାରି ନ ଥିବା ବେଳେ ମାଛ ଓ ଚିଙ୍ଗୁଡ଼ିର ଦରଦାମ ଅହେତୁକ ବୃଦ୍ଧି ପାଇଛି । କିଛି ଦିନ ପରେ ସ୍ୱାଭାବିକ ଅବସ୍ଥାକୁ ଫେରିବ ବୋଲି ମତ୍ସ୍ୟ ବ୍ୟବସାୟୀ ମୁରଲୀଧର ବେହେରା କହିଛନ୍ତି । ଶୀତଋତୁରେ ଚିଲିକା ପରିଭ୍ରମଣରେ ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥିବା ବେଳେ ଘରୋଇ ଡଙ୍ଗା ମାଲିକ ସଂଘ ପକ୍ଷରୁ ଯାତ୍ରୀ ସେବା ଯୋଗାଇଦେବା ନିମନ୍ତେ ପ୍ରସ୍ତୁତ ଥିବା ସମ୍ପାଦକ କୃଷ୍ଣ ଚନ୍ଦ୍ର ବେହେରା କହିଛନ୍ତି।

# ବାଗ୍‌ଚୀ–କରୁଣାଶ୍ରୟ ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୧୨(ବ୍ୟୁରୋ)**

କର୍କଟ ରୋଗୀଙ୍କ ଯତ୍ନରେ ଆଉ ଏକ ମାଇଲଖୁଣ୍ଟ ଭାବେ ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ବାଗ୍‌ଚୀ–କରୁଣାଶ୍ରୟ ଗୃହଭିତ୍ତିକ ସେବା (ହୋମ୍ କେୟାର ସର୍ଭିସ୍) କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମଙ୍ଗଳବାର ଏହି କେନ୍ଦ୍ରକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ସେ କହିଥିଲେ, ଓଡ଼ିଶା ସରକାର, ବାଙ୍ଗାଲୋର ହସ୍ପିସ୍ ଟ୍ରଷ୍ଟ ଏବଂ ବାଗ୍‌ଚୀ କରୁଣାଶ୍ରୟ ମିଳିତ ପ୍ରଚେଷ୍ଟାରେ ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଅନୁଷ୍ଠାନ ଆରମ୍ଭ ହୋଇଛି। ଆଗାମୀ ଦିନରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର ସହାୟତା ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଏହି ସେବା ସମ୍ପ୍ରସାରିତ କରିବା ପାଇଁ ମହାପାତ୍ର ପରାମର୍ଶ ଦେଇଥିଲେ। ଇନ୍‌ଫୋଭ୍ୟାଲି–୨ରେ ବାଗ୍‌ଚୀ–ଶ୍ରୀ ଶଙ୍କର କର୍କଟ ଚିକିତ୍ସାଳୟ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ଦେଇଥିବା ଜମିରେ ବାଗ୍‌ଚୀ ଶ୍ରୀ ଶଙ୍କରଙ୍କର କର୍କଟ ଚିକିତ୍ସାଳୟ ଓ କରୁଣାଶ୍ରୟ ନିର୍ମାଣ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବ ବୋଲି କହିଛନ୍ତି।

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଥିଲେ, ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିବ। ବାଙ୍ଗାଲୋର ହସ୍ପିସ୍ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଗୁରୁମିତ ସିଂ ରନ୍ଧାୱା କହିଥିଲେ, ଏହି କେନ୍ଦ୍ର ଭୁବନେଶ୍ୱର ଏମ୍ସ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା ପ୍ରତିଷ୍ଠାନ ଏବଂ ରାଜଧାନୀ ଚିକିତ୍ସାଳୟ ସହ ସମନ୍ୱିତ ଭାବେ କାର୍ଯ୍ୟ କରିବ। ଏହି ଅବସରରେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ର(ଏଏଚ୍‌ଆର୍‌ସିଆର୍‌ସି) ଏବଂ ବାଗ୍‌ଚୀ କରୁଣାଶ୍ରୟ ହସ୍ପିସ୍ ଟ୍ରଷ୍ଟ ମଧ୍ୟରେ କର୍କଟ ଚିକିତ୍ସା ନିମନ୍ତେ ସହଯୋଗିତା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧକ୍ଷ ସୁବ୍ରତୋ ବାଗ୍‌ଚୀ, ସୁସ୍ମିତା ବାଗ୍‌ଚୀ, ଡା. ଲକ୍ଷ୍ମୀଧର ସାହୁଙ୍କ ସମେତ କରୁଣାଶ୍ରୟର ଡାକ୍ତର, ସେବିକା ଉପସ୍ଥିତ ଥିଲେ।

## କଣ୍ଟାବାଡ଼ କ୍ରିକେଟ ଟୁର୍ନାମେଣ୍ଟ ୨୫ରୁ

**ବେଗୁନିଆ,୭।୧୨(ଡି.ଏନ୍‌.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ଖେଳପଡ଼ିଆଠାରେ ଆସନ୍ତା ୨୫ ତାରିଖରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଆୟୋଜକ କଣ୍ଟାବାଡ଼ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ବସିଥିବା ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିବେ। ନକ୍‌ଆଉଟ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟର ସମସ୍ତ ଟିମ୍ ଆସୋସିଏଶନର ନିୟମ ମାନି ଖେଳିବା ପାଇଁ ନିବେଦନ କରାଯାଇଛି। ଚାମ୍ପିୟନ ଟିମ୍‌କୁ ୨୦ହଜାର ଟଙ୍କା ଏବଂ ରନର୍ସ ଅପ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଶ୍ରେଷ୍ଠ ଖେଳାଳି, ଫିଲ୍ଡର, ବୋଲର ବିବେଚିତ କରାଯାଇ ପୁରସ୍କୃତ କରାଯିବ। ଆସୋସିଏଶନ ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ସୌମ୍ୟ ରଞ୍ଜନ ଦାଶ, ପ୍ରଭାତ ପଣ୍ଡା, ବଂଶୀଧର ପାଣିଗ୍ରାହୀ, ଶ୍ରୀକାନ୍ତ ବାହିନୀପତି, ନରସିଂହ ପ୍ରଧାନ, ସୂର୍ଯ୍ୟ ନାରାୟଣ ଓଝା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ୫ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୭।୧୨(ଡି.ଏନ୍‌.ଏ.)**


ଗିରଫ ଅଭିଯୁକ୍ତ ଓ ଜବତ ମୃତ ପକ୍ଷୀ।

ଟାଙ୍ଗୀ ରେଞ୍ଜ ବନ୍ୟପ୍ରାଣୀ ବିଭାଗ ମଙ୍ଗଳବାର ୫ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ଗଡିଶାଗୋଦା ଥାନା ଅନ୍ତର୍ଗତ ନୂଆଗାଁର କବିରାଜ ରାଉତ। ଶିକାରୀଙ୍କ ଠାରୁ ୨ଟି ପରପଲ ମୋରେନ ଓ୨ଟି ଲାର୍ଜ ହୁଇସିଲ ଡକ ଜବତ କରାଯାଇଛି। ସୂଚନା ମୁତାବକ, ଦୋଛିଆ ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟ ନାଳରୁ କବିରାଜ ପକ୍ଷୀ ଶିକାର କରୁଥିବା ବେଳେ ବନ୍ୟପ୍ରାଣୀ ଟିମ୍ ଚଢ଼ାଉ କରିଥି କରି ତାଙ୍କୁ ଧରିଥିଲେ। ଫରେଷ୍ଟର ବିଶ୍ୱନାଥ ଟୁଡୁ, ଫରେଷ୍ଟ ଗାର୍ଡ ଭାନୁମତୀ ବେହେରା ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଗିରଫ କବିବାରଜଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି।

# ରୂପାନ୍ତର ହେବ ଆଉ ୭ ବିଦ୍ୟାଳୟ

**ବେଗୁନିଆ,୭।୧୨(ଡି.ଏନ୍‌.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଥିବା ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବଦଳିବ। ଏନେଇ ଦ୍ୱିତୀୟ ପର୍ଯ୍ୟାୟରେ ଏହି ବ୍ଲକର ୭ଟି ବିଦ୍ୟାଳୟକୁ ଚୟନ କରାଯାଇଛି। ରାଜ୍ୟ ସରକାରଙ୍କ ୫ଟି ବିଭାଗ ପକ୍ଷରୁ ଏହି ପ୍ରସ୍ତାବ ଆଗତ ହୋଇଛି। ମଙ୍ଗଳବାର ଅପରାହ୍ନରେ ଭିଡିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ତ୍ତା ଦେଇଛନ୍ତି। ଡିଙ୍ଗର, କଣ୍ଟାବାଡ, ଛତ୍ରପଡା, ଶଗଡଭଙ୍ଗା, ଗୁଡୁମ, ବେତରଜଙ୍ଗ ଓ ବେଗୁନିଆ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟକୁ ଚୟନ କରାଯାଇଛି। ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଅଧକ୍ଷତାରେ ବ୍ଲକ କାର୍ଯ୍ୟାଳୟର ଭିଡିଓ କନଫରେନ୍ସ ହଲ୍‌ରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ମନୋନୀତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟିର ସଦସ୍ୟ, ସରପଞ୍ଚ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସୂଚନାଥାଉ କି, ଏହି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ପୋଡାଡିହ ଏବଂ ସିକୋ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତର କରାଯାଇଥିଲା।


ଭର୍ଚୁଆଲ ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ଥାନାରେ ଅଭିଯୋଗକାରିଣୀଙ୍କୁ ଚାପୁଡ଼ା ମାରିଲେ ଯୁବକ

**ନିରାକାରପୁର,୭।୧୨(ଡି.ଏନ୍‌.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନାରେ ମଙ୍ଗଳବାର ଅଭିଯୋଗ କରିବାକୁ ଆସିଥିବା ମହିଳାଙ୍କୁ ଜଣେ ଯୁବକ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଜମିବାଡିକୁ କେନ୍ଦ୍ରକରି ମଙ୍ଗଳବାର ସକାଳେ ସମ୍ପୃକ୍ତ ଯୁବକ ଏବଂ ମହିଳାଙ୍କ ପରିବାରଙ୍କ ମଧ୍ୟରେ ଯୁକ୍ତିତର୍କ ସହ ଠେଲାପେଲା ହୋଇଥିଲା। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପାଇଁ ଯାଇଥିଲେ। ତେବେ ଯୁବକ ଜଣଙ୍କ ଥାନା ଭିତରେ ଉକ୍ତ ମହିଳାଙ୍କୁ ଚାପୁଡା ମାରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ତେବେ ମାଡ ମାରିଥିବା ଯୁବକଙ୍କୁ ପୋଲିସ ଛାଡିଦେଇଥିବାରୁ ମହିଳାଙ୍କ ପରିବାରଲୋକେ ପ୍ରତିବାଦ କରିଥିଲେ। ଏନେଇ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି, ଉଭୟ ପରିବାର ଏକ ଜମିବାଡି କେସ୍ ନେଇ ଆସିଥିଲେ। ଆମେ କେସ୍ କରିବୁ ନାହିଁ, ଭଦ୍ରଲୋକ ଡାକି ସମାଧାନ କରିବୁ ବୋଲି ଉଭୟ ପକ୍ଷ ଲିଖିତ ଦେଇଛନ୍ତି ବୋଲି ସେ କହିଛନ୍ତି।

## ବେଳାଭୂମିରୁ ମିଳିଲା ଶିଶୁ ମୃତଦେହ

**ପୁରୀ ଅଫିସ,୭।୧୨**

ସମୁଦ୍ରକୂଳ ଥାନା ଅନ୍ତର୍ଗତ ହୋଟେଲ ହଲିଡେ ରିସୋର୍ଟ ପଛପଟ ବେଳାଭୂମିରେ ମଙ୍ଗଳବାର ଏକ ନବଜାତ ଶିଶୁର ମୃତଦେହ ପୋଲିସ ଜବତ କରିଛି। ତେବେ ଶିଶୁଟିର ମୃତଦେହ କିପରି ବେଳାଭୂମିକୁ ଆସିଲା ଏବଂ ସେ ମୃତ ଶିଶୁଟି କାହାର ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ମଙ୍ଗଳବାର ମଧ୍ୟାହ୍ନରେ ବେଳାଭୂମିରେ ଏକ ନବଜାତ ଶିଶୁର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏ ନେଇ ସେମାନେ ପେଣ୍ଠକଟା ଫାଣ୍ଡିକୁ ଜଣାଯାଇଥିଲା। ପରେ ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସଦରମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ଘୋଷଣା, ନାରାବାଜିରେ ସୀମିତ

**ଖୋର୍ଦ୍ଧା ଅଫିସ,୭।୧୨**

**ପାଇକ ସ୍ମାରକୀ ଶିଳାନ୍ୟାସକୁ ୨ ବର୍ଷ ପୂରିଲା**
- ଇଟାଖଣ୍ଡେ ପଡିନି, ଡିପିଆର୍ ପ୍ରସ୍ତୁତ ହୋଇନି
- ଶିଳାନ୍ୟାସ ସ୍ଥଳରେ ଆଜି ବିକ୍ଷୋଭ ପ୍ରଦର୍ଶନ

ପାଇକ ବିଦ୍ରୋହର ଦ୍ୱି ଶତବାର୍ଷିକୀ ଅବସରରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ବୁଧବାର ଏହି ଶିଳାନ୍ୟାସକୁ ଦୁଇ ବର୍ଷ ପୂରୁଥିବା ବେଳେ ଏପର୍ଯ୍ୟନ୍ତ ପ୍ରସ୍ତାବିତ ନିର୍ମାଣ ସ୍ଥାନରେ ଖଣ୍ଡେ ଇଟା ପଡିନାହିଁ। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲ ଏବଂ ପରେ ଜମି ହସ୍ତାନ୍ତରକୁ ନେଇ ଏକ ବର୍ଷ ଧରି ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଲାଗି ରହିଥିବା ବିବାଦ ତୁଟୁଛି। ପାଇକ ସ୍ମାରକୀ ନିର୍ମାଣ ଲାଗି ଉକ୍ତ ସମୟରେ କେନ୍ଦ୍ରୀୟ ତୈଳ ନିଗମ ପକ୍ଷରୁ ୨ଶହ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ଘୋଷଣା ହୋଇଥିଲା। ତେବେ ଏଥିଲାଗି ଡିପିଆର୍ ତ ଦୂରର କଥା ଘୋଷଣା କରାଯାଇଥିବା ଅର୍ଥ ମଞ୍ଜୁର ହୋଇ ନ ଥିବା ପରବର୍ତ୍ତୀ ସମୟରେ ଜଣାପଡିଥିଲା। ତେବେ ସରକାରଙ୍କ ଆନ୍ତରିକତା ଅଭାବ ଏବଂ ଜିଲା ପ୍ରଶାସନର ଅବହେଳା ଯୋଗୁ ଶିଳାନ୍ୟାସର ଦୁଇ ବର୍ଷ ପୂର୍ତ୍ତି ସତ୍ତ୍ୱେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ ବୋଲି ଐତିହାସିକ ଗବେଷକ, ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୧୭ ଜୁଲାଇ ୨୦ରେ ନୂଆଦିଲ୍ଲୀରେ ପାଇକ ବିଦ୍ରୋହର ଦ୍ୱି ଶତବାର୍ଷିକୀ ଉତ୍ସବକୁ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ସେହି ସମୟରେ ମୁଖାର୍ଜୀ କହିଥିଲେ, ଓଡ଼ିଶା ବୀର ମାଟି। ଖୋର୍ଦ୍ଧାର ପାଇକ ବିଦ୍ରୋହ ଇତିହାସର ଲିପିବଦ୍ଧ ହୋଇ ରହିଛି। ପାଇକଙ୍କ ବୀରତ୍ୱ, ଶୌର୍ଯ୍ୟକୁ ପ୍ରଶଂସା କରିଥିଲେ। ପରବର୍ତ୍ତୀ ସମୟରେ ଏକ ବର୍ଷ ବ୍ୟାପୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ, ସଭାସମିତିର ପାଇକଙ୍କ ବୀରତ୍ୱର ଗାଥାକୁ ବଖାଣିଥିଲେ। ଏବେ ଏହି ଐତିହାସିକ ସଂଗ୍ରାମକୁ କେନ୍ଦ୍ର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ଦେବାକୁ ରାଜ୍ୟର ନିବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପାଇକ ବିଦ୍ରୋହ ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ। କେନ୍ଦ୍ରର ଏହି ନିଷ୍ପତ୍ତିକୁ କଳିଙ୍ଗ ପାଇକ ସଙ୍ଗଠନ ତୀବ୍ର ନିନ୍ଦା କରିବା ସହ ଏଥିଲାଗି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରାଯିବ ବୋଲି ଅନୁଷ୍ଠାନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି। ଏହି ନିଷ୍ପତ୍ତି ବିରୋଧରେ ବୁଧବାର ପାଇକ ସ୍ମାରକୀ ଶିଳାନ୍ୟାସ ସ୍ଥଳରେ ବିକ୍ଷୋଭ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।